# ବିଜେପି ସମେତ କଂଗ୍ରେସ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

## ପ୍ରାର୍ଥିପତ୍ର ଦାଖଲ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର, ୨।୫(ସମିସ):** ବିଜେପିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରଥମେ ମନ୍ତ୍ରୀ ପ୍ରଧାନ ଗ୍ରୀନପାର୍କ ସ୍ଥିତ ହନୁମାନ ମନ୍ଦିର ଓ ପରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦର୍ଶନ କରିଥିଲେ। ସ୍ଥାନୀୟ କଳାକାରଙ୍କ ବାଦ୍ୟବାଜଣାର ତାଳେତାଳେ ସମର୍ଥକଙ୍କ ଗହଣରେ ମା' ସମଲେଶ୍ୱରୀଙ୍କ ପୀଠରୁ ଶୋଭାଯାତ୍ରା ବାହାରି ରାମଜୀଗୁଡ଼ି ବାଲିବନ୍ଧା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ଦଲେଇପଡ଼ା, ମ୍ୟୁନିସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ନାମାଙ୍କନପତ୍ର ଦାଖଲ ପାଇଁ ଆୟୋଜିତ ରୋଡ୍ ସୋ'ରେ ସମ୍ବଲପୁରର ବିଜେପି ବିଧାୟକ ପ୍ରାର୍ଥୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଦେବଗଡ଼ ବିଧାୟକ ସୁବାଶ ପାଣିଗ୍ରାହୀଙ୍କ ସହ ବରିଷ୍ଠ ନେତା, କର୍ମୀ, ଯୁବ, ମହିଳା କର୍ମୀ ଉପସ୍ଥିତ ଥିଲେ। ସମ୍ବଲପୁରର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦେଖାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏସସି, ଏସଟି, ଓବିସି ଓ ମହିଳା ସମାଜର ୪ ଜଣ ପ୍ରସ୍ତାବକ ରହିଥିଲେ। ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ, ପ୍ରଦୀପ ବହିଦାର, ସତ୍ୟ ନାରାୟଣ ପଣ୍ଡା, ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀର ୭ ଟିର ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ର, ନାଉରୀ ନାୟକ, ରବି ନାରାୟଣ ନାୟକ, ଦେବେନ୍ଦ୍ର ମହାପାତ୍ର, ଭାଗିରଥି ବେହେରା, ସଞ୍ଜୀବ ସାହୁ ଙ୍କ ସମେତ ଧାମନଗର ବିଧାୟକ ସୁରଜ ସୂର୍ଯ୍ୟବଂଶୀ, ପୂର୍ବତନ ରାଜ୍ୟସଭାପତି ସମୀର ମହାନ୍ତି, ଗୋଲକ ମହାପାତ୍ର, ସିମାଞ୍ଚଳ ଖଟେଇ, ଟଙ୍କଧର ତ୍ରିପାଠୀ, ୩ ଜିଲ୍ଲାର ସଭାପତି ଗିରିଶ ପଟେଲ, ଅରୁଣ ସାହୁ, ଦିଲେଶ୍ୱର ପ୍ରଧାନ, ବରିଷ୍ଠ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ, ଡ଼.ପ୍ରମୋଦ ରଥ ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି, ରାମ ଚନ୍ଦ୍ର ମେହେର, ଦାମୋଦର କର ଉପସ୍ଥିତ ରହିଥିଲେ।



## ବିଜେପିର ଗୋଟିଏ ସେଟ୍ ପ୍ରାର୍ଥିପତ୍ର ଦାଖଲ

**କୁଚିଣ୍ଡା, ୨।୫(ସମିସ):** ବୁଧବାର ମଧ୍ୟାହ୍ନରେ କୁଚିଣ୍ଡା ବିଜେପି ପ୍ରାର୍ଥୀ ରବି ନାରାୟଣ ନାଏକ ପ୍ରସ୍ତାବକ, ସମର୍ଥକ ଓ କର୍ମୀଙ୍କ ଗହଣରେ କୁଚିଣ୍ଡା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପ ଜିଲ୍ଲାପାଳ ହେମସାଗର ଭୋଇଙ୍କ ପାଖରେ ବିଧାୟକ ପଦ ପାଇଁ ଗୋଟିଏ ସେଟ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ବରିଷ୍ଠ ଓକିଲ ଶୈଳେନ୍ଦ୍ର ନାୟକ, ଟୁଲୁ ଦଶଭୟା, ବିଜେପି ନଗର ସଭାପତି କାହ୍ନୁ ଚରଣ ନାୟକଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।



## କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



**ସମ୍ବଲପୁର, ୨।୪(ସମିସ):** ସମ୍ବଲପୁର ବିଧାନସଭା କଂଗ୍ରେସ ପ୍ରାର୍ଥୀ ଦୁର୍ଗା ପାଢ଼ୀ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିଜ ସମର୍ଥକଙ୍କ ସହ ରାଲିରେ ବାହାରି ଉପଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡାଙ୍କ ଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ। ତାଙ୍କ ସହିତ କଂଗ୍ରେସ ସମ୍ବଲପୁର ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ରେଢ଼ାଖୋଲ ବିଧାନସଭା ପ୍ରାର୍ଥୀ ଆସଫ୍ ଅଲ୍ଲୀ ଖାନ, ଆଇନଜୀବୀ ସୁରେଶ୍ୱର ମିଶ୍ର, ଗୋବିନ୍ଦ ମିଶ୍ର, ଚନ୍ଦ୍ର କୁମାର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ସମଲେଇମନ୍ଦିର ଦର୍ଶନ କରିବା ପରେ ବିଶାଳ ଶୋଭାଯାତ୍ରାରେ ବାହାରି ଉପଜିଲ୍ଲାପାଳ ଅଫିସକୁ ଆସିଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦଙ୍କ ପ୍ରାର୍ଥିପତ୍ର ଦାଖଲ

**ରେଢ଼ାଖୋଲ, ୨।୫(ସମିସ):** ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ବିଧାନସଭା ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଆଶ୍ରୟ ମହାନନ୍ଦ ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ନିଜର ପ୍ରାର୍ଥିପତ୍ର ରେଢ଼ାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ରଶ୍ମୀରଞ୍ଜନ ମହାନ୍ତଙ୍କ ଠାରେ ତାଙ୍କର ସମର୍ଥକଙ୍କ ସହ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଶ୍ରୟ ମହାନନ୍ଦ ଜଣେ ଆଇନଜୀବୀ ଅଟନ୍ତି। ସେ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଥାନା ଅଧୀନ ମେଣ୍ଟୁଲିପାଲି ଗ୍ରାମର ବାସିନ୍ଦା ଅଟନ୍ତି।





ସମ୍ବଲପୁର ରେଙ୍ଗାଲି ନିର୍ବାଚନମଣ୍ଡଳୀ ଆମ୍ ଆଦମୀ ପାର୍ଟି ପ୍ରାର୍ଥୀ ସୀତାକାନ୍ତ ରୋହିଦାସ ନାମାଙ୍କନପତ୍ର ଦାଖଲ କରୁଛନ୍ତି।

## ଜନତାଙ୍କ ଜାନ୍ ଯାଉ, ନେତାଙ୍କ ମାନ୍ ଥାଉ

# 'ଲୋକେ ସ୍ୱାର୍ଥବାଦୀ ନେତାଙ୍କ ଅସଲ ଚେହେରା ଚିହ୍ନନ୍ତୁ'



**ସମ୍ବଲପୁର, ୨।୫(ସମିସ):** ଭିଡ଼ ଦେଖାଇବା ପାଇଁ ଦୂରଦୂରାନ୍ତରରୁ ଲୋକଙ୍କୁ ଡାକି ଆଣିଲେ; କିନ୍ତୁ ପାଣି ଟିକିଏ ଦେଲେନି। ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ସମ୍ବଲପୁର ସହର ପଦ୍ମମୟ ହେଲା ବୋଲି ରଡି ଛାଡୁଥିବା ନେତା ଏ ଦୃଶ୍ୟ ନିହାତି ଦେଖିବା ଦରକାର। ବିଜେପି ନେତାଙ୍କ ଅମଣିଷପଣିଆ କେତେ ତାହା ଲୋକେ ଜାଣିବା ଦରକାର। ଲୋକଙ୍କୁ ଡାକି ବ୍ୟବହାର କରି ଜାଣିଛନ୍ତି; କିନ୍ତୁ ଜନତାଙ୍କ ଜୀବନ ଗଲେ ତାଙ୍କର କିଛି ଯାଏଆସେ ନାହିଁ। ନିର୍ବାଚନ ବୈତରଣୀ ପାର କରିବାକୁ ରାଜ୍ୟ ସରକାରଙ୍କୁ ତୁଚ୍ଛାରେ ଟାର୍ଗେଟ କରୁଥିବା ବିଜେପି ନେତାଙ୍କୁ ଶକ୍ତ ଚାପୁଡା ମାରିଛି ରାଜ୍ୟ ସରାକାରଙ୍କ ଆହାର କେନ୍ଦ୍ର। କାରଣ ସେମାନେ ତ ଲୋକଙ୍କୁ ଡାକି ନାମାଙ୍କନ କରିବାକୁ ଗଲେ; କିନ୍ତୁ ତାଲୁଫଟା ଖରାରେ ଭୋକଶୋଷରେ ଛଟପଟ ହେଉଥିବା ଲୋକଙ୍କ ଜବୀନ ବଞ୍ଚାଇଛି ଆହାର କେନ୍ଦ୍ର। 'ଲୋକେ ସ୍ୱାର୍ଥବାଦୀ ନେତାଙ୍କ ଅସଲ ଚେହେରା ଚିହ୍ନନ୍ତୁ'ଙ୍ଫ ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ପତ୍ର ଦାଖଲ ସମୟରେ ଦେଖା ଦେଇଥିବା ଅବ୍ୟବସ୍ଥା ସର୍ମ୍ପକରେ ବଖାଣି ଏଭଳି ପ୍ରତିକ୍ରିୟା ରଖିଛନ୍ତି ବିଜୁ ଜନତା ଦଳର ମୁଖପାତ୍ର ଡ. ଲେନିନ୍ ମହାନ୍ତି।

ଗୁରୁବାର ଦିନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟାନ୍ୟ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ବିଜେପି ତରଫରୁ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସମ୍ବଲପୁର ସହରରେ ଲୋକେ ବାହାରିଲେନି ବୋଲି ଅନ୍ୟସ୍ଥାନରୁ ଲୋକଙ୍କୁ ବୁହାଗଲା। ନାନା କଥା କହି ଲୋକଙ୍କୁ ଫୁସୁଲାଇ ଶୋଭାଯାତ୍ରାକୁ ଆଣିଲେ। ଶୋଭାଯାତ୍ରା ସରିଲା ପରେ ଭୁଲିଗଲେ। ସମ୍ବଲପୁରରେ ପାରଦ ୪୩ ଡିଗ୍ରୀ ପାର କରିଥାଏ। ଏଭଳି ସମୟରେ ପାଣି ଟିକିଏ ନ ପାଇ ଭୋକଶୋଷରେ ଛଟପଟ ହେଉଥାନ୍ତି। ଭୋକ ବିକଳରେ ଇଆଡେ ସିଆଡେ ହେବାର ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା। ଏଭଳି ସମୟରେ ଦଇବକୁ ସାହା ହେଲା ଭଳିଆ ରାଜ୍ୟ ସରକାରଙ୍କ ଆହାର କେନ୍ଦ୍ର ଉପରେ ଲୋକଙ୍କ ନଜର ପଡ଼ିଲା। ୫ ଟଙ୍କାରେ ପେଟପୂରା ଖାଇ ସେମାନେ ନିଜର ଜୀବନ ବଞ୍ଚାଇଛନ୍ତି ବୋଲି ଡ. ଲେନିନ୍ ମହାନ୍ତି କହିଛନ୍ତି। ସେ ଆହୁରି କହିଥିଲେ ଯେ, ବିଜେପି ନେତାଙ୍କ ଏଭଳି ଆଚରଣ ସେମାନଙ୍କୁ କ୍ଷୁବ୍ଧ କରିଛି। ଯଦି ପାଣି ଟିକିଏ ଦେଇପାରିବ ନାହିଁ ତାହା ହେଲେ ଡାକୁଥିଲ କାହିଁକି? ଏତେ ଖରାରେ ଲୋକଙ୍କୁ ଡାକି ହଇରାଣ କରିବା ପଶୁ ଆଚରଣ ସଙ୍ଗେ ସମାନ ବୋଲି ଶୋଭଯାତ୍ରାକୁ ଆସିଥିବା ଲୋକେ କୁହାକୁହି ହେଉଛନ୍ତି। ନାମାଙ୍କନ ସରିଲା। ଭୋଟ ମାଗିବାକୁ ଆସନ୍ତୁ ବିଜେପି ନେତାଙ୍କୁ ଉଚିତ ଜବାବ ଦେବୁ ବୋଲି ଲୋକେ ରାଗଜର୍ଜରିତ ହୋଇଥିବା ଚାରିଆଡେ ଚର୍ଚ୍ଚା ହେଉଛି।

- ଧର୍ମେନ୍ଦ୍ରଙ୍କ ନାମାଙ୍କନ ଶୋଭାଯାତ୍ରାକୁ ଆସିଥିବା ଲୋକ ଭୋକରେ ଆଉଟୁପାଉଟୁ
- ସାହା ହେଲା ରାଜ୍ୟ ସରକାରଙ୍କ ଆହାର କେନ୍ଦ୍ର
- ନାମାଙ୍କନ ପାଇଁ ଲୋକଙ୍କୁ ଠୁଳ କଲେ; ହେଲେ ପାଣି ଟିକିଏ ଦେଲେନି ଧର୍ମେନ୍ଦ୍ର

## ସ୍କୁଟିରୁ ୫ଲକ୍ଷ ଟଙ୍କା ଜବତ

**କୁଚିଣ୍ଡା, ୨।୫(ସମିସ):** ବୁଧବାର କୁସୁମୀ ଛକଠାରେ କୁଚିଣ୍ଡା ପୁଲିସ ଯାଞ୍ଚ କରୁଥିବାବେଳେ କୁଚିଣ୍ଡା ୱାର୍ଡ ନଂ.୫ର ଚମନ କୁମାର ଅଗ୍ରୱାଲଙ୍କ ସ୍କୁଟିରୁ ୫ଲକ୍ଷ ଟଙ୍କା ନଗଦ ଟଙ୍କା ଜବତ କରିଥିଲା। ଉକ୍ତ ଟଙ୍କାକୁ ସବ୍‌ଟ୍ରେଜେରୀରେ ଜମା କରାଯିବା ସହ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଖର୍ଚ୍ଚ ମନିଟରିଂ ସେଲ୍‌ଫ ସମ୍ବଲପୁର କରିବ ବୋଲି କୁଚିଣ୍ଡା ପୁଲିସ ପକ୍ଷରୁ ପ୍ରକାଶ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୨।୫(ସମିସ):** ମଙ୍ଗଳବାର ଗୋବିନ୍ଦପୁର ଥାନା କିନାବଗା ଗାଁର ସୁଶୀଲ ଦାସଙ୍କ ପୁଅ ଦୀପକ ଦାସ (୨୩) ବାମରାରୁ ଫେରି ଘରେ ଥିବା କୁଲରକୁ ବିଦ୍ୟୁତ ସଂଯୋଗ କରୁଥିବାବେଳେ ତାଙ୍କ ମୃତ୍ୟୁ ଘଟିଥିଲା। କୁଲରଟି ଟିଣର ହୋଇଥିବା ଏବଂ ସେଥିରେ ବିଦ୍ୟୁତ ସରୋବରା ଯୋଗୁ ସେ ମୃତ୍ୟୁମୁଖରେ ପଡ଼ିଥିଲେ। ପୁଲିସ ଶବ ଜବତ କରି ତଦନ୍ତ କରୁଛି।

## ଝୁଲନ୍ତା ମୃତଦେହ ଉଦ୍ଧାର

**କୁଚିଣ୍ଡା, ୨।୫(ସମିସ):** ଗୋବିନ୍ଦପୁର ଥାନା ପିଣ୍ଡାପଥର ଗାଁ ନିକଟସ୍ଥ ପଡ଼ିଆପାଖ ଏକ ଶାଳଗଛରୁ ପୁଲିସ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସୂଚନାନୁସାରେ ଗତ ବୁଧବାର ରାତିରେ ପାରିବାରିକ ଗଣ୍ଡଗୋଳ ଜନିତ ପିଣ୍ଡାପଥର ଗାଁର ଅଶ୍ୱିନୀ ଦାସ(୫୭) ରାତିରେ ସମସ୍ତେ ଶୋଇଲା ପରେ ଘରେ ଚାଲିଯାଇ ଉକ୍ତ ଶାଳଗଛରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିଲେ। ଭୋର୍ ସକାଳୁ ଶୌଚ ପାଇଁ ଯାଇଥିବା କିଛି ଲୋକ ତାଙ୍କ ମୃତ ଦେହ ଗଛରେ ଝୁଲୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଗୋବିନ୍ଦପୁର ପୁଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଗୋବିନ୍ଦପୁର ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## କଫ୍‌ସିରପ୍ ସହ ଜଣେ ଗିରଫ

**ରେଙ୍ଗାଲି, ୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ବେଆଇନ କଫ ସିରପ୍ ସହ ଜଣକୁ ଗିରଫ କରିଛି। ରେଙ୍ଗାଲି ପୁଲିସ କୌଣସି ସୂତ୍ରରୁ ସୂଚନା ପାଇ ରେଙ୍ଗାଲି ଥାନା ଅନ୍ତର୍ଗତ ବରପଡ଼ା ନିବାସୀ ଭଇସାଲ ମହାତୋ (୩୭) ପାଖରୁ ୧୨୫ ବୋତଲ ୱିନରେକ୍ସ କଫ ସିରପ୍, ଗୋଟିଏ ଷ୍ଟ୍ରିଫ ନାଇଟ୍ରଜାପାମ ଟେବଲଟ ଓ ୨ ଲିଟର ଅପମିଶ୍ରିତ କଫ ସିରପ୍ ଜବତ୍ କରିଛି। ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ସାଢ଼େ ୫ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ

**ରେଢ଼ାଖୋଲ/ନାକଟିଦେଉଳ, ୨।୫(ସମିସ):** ରେଢ଼ାଖୋଲ ଥାନା ଅନ୍ତର୍ଗତ କୁକୁଡ଼ାବାହାଲି ଗ୍ରାମପଞ୍ଚାୟତ ଅଧୀନ ଖଜୁରୀଝରଣ ଗ୍ରାମର ନିକଟ ଜଙ୍ଗଲରୁ ପୁଲିସ ୩.୫କ୍ୟୁଣ୍ଟାଲ ମହୁଲ ପୋଚ ନଷ୍ଟ କରିବା ସହ ୩୦ଲିଟର ମଦ ଜବତ କରିଛି। ଖଜୁରୀଝରଣ ଗ୍ରାମର ନିକଟ ଜଙ୍ଗଲରେ ବେଆଇନ ଭାବରେ ମହୁଲି ଦେଶୀ ମଦ ପ୍ରସ୍ତୁତ ହୋଉଥିବା ରେଢ଼ାଖୋଲ ପୁଲିସ କୌଣସି ସୂତ୍ରରୁ ଖବର ପାଇ ରେଢ଼ାଖୋଲ ଥାନା ଅଧିକାରୀ ସବିତା ଲତା ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଚଢ଼ଉ କରିଥିଲେ। ସେହିପରି ନାକଟିଦେଉଳ ପୁଲିସ ଆଜି ସରାପାଲି ପଞ୍ଚାୟତ ଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ଜଙ୍ଗଲରୁ ପୁଲିସ ୨କ୍ୟୁଣ୍ଟାଲ ମହୁଲ ପୋଚ ଜବତ କରିବା ସହ ନଷ୍ଟ କରିଥିଲା। ଏହା ସହ ମଦରନ୍ଧା ସାମଗ୍ରୀ ଜବତ କରି ନଷ୍ଟ ନରିଥିଲା। ଗତ ୧୮ ତାରିଖ ଦିନ ସାଲେଭଟା ପଞ୍ଚାୟତ ଅନ୍ତର୍ଗତ ଚେମେର୍ଦା ଗ୍ରାମ ନିକଟ ଜଙ୍ଗଲରେ ପୁଲିସ ଚଢ଼ଉ କରି ଦୁଇ କୁଇଣ୍ଟାଲ ମହୁଲ ପୋଚ ଜବତ କରି ନଷ୍ଟ କରିଥିଲା।

## ପାଣି ପାଇଁ ଡହକବିକଳ; ଭରସା ଚୁଆପାଣି

**ନାକଟିଦେଉଳ, ୨।୫(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମପଞ୍ଚାୟତର ରାଇଲ ଗ୍ରାମର ପଣସକାନୀ ସାହିରେ ଉତ୍କଟ ପାନୀୟ ଜଳ ସମସ୍ୟା ଲାଗିରହିଛି। ପାଣି ଟୋପେ ପାଇଁ ଡହଳବିକଳ ହେଉଛନ୍ତି ସାହିବାସୀ। ୧୦ରୁ ଊର୍ଦ୍ଧ ପରିବାର ସହ ୫୦ରୁ ଅଧିକ ଲୋକ ବିଶିଷ୍ଟ ଏହି ସାହିରେ ରାତ୍ରି ପାହିବା କ୍ଷଣି ମହିଳାମାନେ ପ୍ରାୟ ୧କିମି ରାସ୍ତା ଚାଲି ଚାଲି କରଡେଇ ଖୋଳନାଳରେ ଚୁଆଖୋଳି ପାଣି ସଂଗ୍ରହ କରିଥାନ୍ତି। ବର୍ଷର ବାର ମାସ ଏହି ନାଳରୁ ଚୁଆପାଣି ସଂଗ୍ରହ କରି ଚଳିଥାନ୍ତି। ଏପରି ପାଣି ଯୋଗୁ ନାନାପ୍ରକାର ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ଗ୍ରାମବାସୀ। ଏ ନେଇ ସରପଞ୍ଚ, ପ୍ରଶାସନିକ ଅଧିକାରୀଙ୍କୁ କହିଲେ ମଧ୍ୟ କେହି କିଛି ଶୁଣୁ ନଥିବା ଅଭିଯୋଗ ହୋଇଛି।



## ଏଆଇୟୁଟିୟୁସି ତରଫରୁ ଶ୍ରମିକ ଦିବସ

**ବାମରା, ୨।୫(ସମିସ):** ଓଡ଼ିଶା ମିଳିତ ନିର୍ମାଣ ଶ୍ରମିକ ସଂଗଠନ ଏବଂ କୃଷକ ସଙ୍ଗଠନ ଏଆଇକେକେ ଏମ୍‌ଏସ୍ ବାମରା ବ୍ଲକ ତରଫରୁ ସର୍ଗିଡ଼ିହିଠାରେ ଶ୍ରମିକ ଦିବସ ପାଳନ କରାଯାଇଥିଲା। ନିର୍ମାଣ ଶ୍ରମିକ ନେତା ହରିହର ଟପ୍ପୋଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାଷୀ ନେତା ଲକ୍ଷ୍ମୀନାରାୟନ ଛାତ୍ରୀଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଉପସ୍ଥିତ ଶ୍ରମିକ କର୍ମଚାରୀ ମାନେ ସମୁହ ସହିଦ ବେଦୀରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ-ଚାଷୀ ମାରଣ ନୀତି ବିରୁଦ୍ଧରେ ବ୍ୟାପକ ଶ୍ରମିକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିନୋଦ କାହାଲି, ଖଗେଶ୍ୱର ବିଶ୍ୱାଳ, ସୁବାସ ମେହେରଙ୍କ ସମେତ ବହୁ ଶ୍ରମିକ ଉପସ୍ଥିତ ଥିଲେ।

## ଷୋହଳ ପ୍ରହର ନାମଯଜ୍ଞ

**ରେଙ୍ଗାଲି, ୨।୫(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଚାଉଳଡ଼ିପୋରେ ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି। ଏହି ନାମଯଜ୍ଞରେ ପ୍ରଦୀପ ସାହୁ ସପତ୍ନିକ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବିଜେଡି ନେତା ମହେନ୍ଦ୍ର ଓରାମ, ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁର ଜିଲ୍ଲା ସଭାପତି ହିମାଂଶୁ ଶେଖର ମିଶ୍ର, ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ରହି ଆଶୀର୍ବାଦ ଗ୍ରହଣ କରିଥିଲେ। ବହୁ ସଂଖ୍ୟାରେ ଗ୍ରାମବାସୀ ଯୋଗଦେଇ ପ୍ରାସାଦ ସେବନ କରିଥିଲେ।

## କେନ୍ଦୁପତ୍ର ଫଡ଼ି ଚପରାସୀ ପାଇଁ ଗୋଷ୍ଠୀକନ୍ଦଳ



**ରେଢ଼ାଖୋଲ, ୨।୫(ସମିସ):** ରେଢ଼ାଖୋଲ ବନଖଣ୍ଡ ଚାରମାଳ ରେଞ୍ଜ ମୁଣ୍ଡାପଡ଼ା ଗ୍ରାମର କେନ୍ଦୁପତ୍ର ଫଡ଼ିରେ ଚପରାସି ତଥା ଫଡ଼ିସାଥୀ ଚୟନ ନେଇ ଦୁଇଟି ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ସମସ୍ୟାର ସମାଧାନ ନହେବାରୁ ଏଥିରେ ଡିଏଫ୍‌ଓ ହସ୍ତକ୍ଷେପ କରିଥିଲେ। ଏହାପରେ ସମସ୍ୟାର ସମାଧାନ ହୋଇଥିଲା। ରେଢ଼ାଖୋଲ କେନ୍ଦୁପତ୍ର ଡିଏଫଓଙ୍କ କାର୍ଯ୍ୟାଳୟଠାରେ ଡିଏଫ୍‌ଓ ବାସିଲ୍ ବାର୍ଲାଙ୍କ ନେତୃତ୍ୱରେ ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଶ୍ରାବଣୀ ଭୋଇ, ରେଞ୍ଜ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହମତି କ୍ରମେ ରାଜେନ୍ଦ୍ର ବିଶ୍ୱାଳଙ୍କୁ ଫଡ଼ିସାଥୀ ତଥା ଚପରାସି ପଦ ପାଇଁ ଚୟନ କରି ନିଯୁକ୍ତି ଦିଆଯାଇଛି।

## ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ

**ରେଙ୍ଗାଲି, ୨।୫(ସମିସ):** ରେଙ୍ଗାଲି ବ୍ଲକ ଖିଣ୍ଡା ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳନ କରାଯାଇଛି। ଏହି ଅବସରରେ ଯୁବ ବିଜେଡି ନେତା ବିଶାଳ ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଙ୍ଗାଲି ବିଜେଡି ବିଧାୟକ ପ୍ରାର୍ଥୀ ସୁଦର୍ଶନ ହରିପାଲ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଶ୍ରମିକ ସଂଘ ସଭାପତି କିରଣ ବେହେରା, ଓଜେୟୁ ଜିଲ୍ଲା ସଭାପତି ହିମାଂଶୁ ଶେଖର ମିଶ୍ର, ସାମ୍ବାଦିକ ନରେଶ ମାହାଣା, ଜିଲ୍ଲା ପରିଷଦ ଚୋଲଶ୍ରୀ ମହାନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀ, ଗାନ୍ଧୀ ବେହେରା, ଏମ୍ ବି ସତ୍ୟନ, ଯତୀନ୍ଦ୍ର ସାହୁ, ଖିଣ୍ଡା ସରପଞ୍ଚ ସନ୍ଧ୍ୟାରାଣୀ ପଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବୀର ସୁରେନ୍ଦ୍ର ସାଏ ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି ବାବୁଲୁ ରାଉତ ଓ ଶ୍ରମିକ ସଂଘର କର୍ମକର୍ତ୍ତା ଆୟୋଜନ କରିଥିଲେ।

# ଓଡ଼ିଶା ପାଇଁ କ'ଣ କରିଛନ୍ତି ଧର୍ମେନ୍ଦ୍ର ?

**ସମ୍ବଲପୁର, ୨।୫(ସମିସ)**

ବାରମ୍ବାର ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ ଉଠାଇ ଲୋକଙ୍କ ନିକଟତର ହେବାର ନାଟକ କରୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅସଲ ମୁଖା ଖୋଲିଲେ ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି। ଧର୍ମେନ୍ଦ୍ରଙ୍କୁ ଡ. ଲେନିନ୍ ମହାନ୍ତିଙ୍କ ଖୋଲା ଚ୍ୟାଲେଞ୍ଜ, ଯଦି ସତ୍ ସାହାସ ଅଛି ଉତ୍ତର ଦିଅ। କେନ୍ଦ୍ରରେ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ସମୟରେ ଓଡ଼ିଆଙ୍କ ପାଇଁ କ'ଣ କାମ କରିଛ। କେତେ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଦେଇଛ। ଏଭଳି କଡ଼ା ପ୍ରଶ୍ନବାଣରେ ଧର୍ମେନ୍ଦ୍ରଙ୍କୁ ଘେରିଥିବାବେଳେ ଓଡ଼ିଆଙ୍କ ପ୍ରତି କେତେ ଦରଦ ଅଛି ତାହାର ଚିତ୍ର ଦେଖାଇଛନ୍ତି। ସମ୍ବଲପୁର ପାନ୍ଥନିବାସରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ଡ. ଲେନିନ୍ ମହାନ୍ତି ପ୍ରତିକ୍ରିୟା ଦେବା ସମୟରେ କହିଛନ୍ତି, ବିଭିନ୍ନ ସମୟରେ ଓଡ଼ିଆ ଅସ୍ତିତ୍ୱ, ଓଡ଼ିଆ ଅସ୍ମିତା ଉପରେ ପ୍ରଶ୍ନ ଉଠାଉଥିବା ଧର୍ମେନ୍ଦ୍ର ପ୍ରଧାନ ବାବୁ ଆପଣଙ୍କ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆ ଯୁବକମାନଙ୍କୁ ଉପେକ୍ଷା କରିଛନ୍ତି କି ନାହିଁ। ଆପଣଙ୍କୁ ଉତ୍ତର ଦବାକୁ ପଡ଼ିବ। ଯେତେବେଳେ ଓଡ଼ିଆ ଅସ୍ମିତାର କଥା ଉଠୁଛି ଆପଣ ଯାହା କହୁଛନ୍ତି ତାହା କେବେ କରିନାହାନ୍ତି। ଯେତେବେଳେ ଓଡ଼ିଶାବାସୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରତ୍ୟାକ୍ଷିତ କଲେ ଦୌଡ଼ି କି ଗଲେ ଆଗ ବିହାର ପରେ ଏମ୍‌ପି। ଏଥିପାଇଁ ଓଡ଼ିଶା ଉପରେ ତାଙ୍କର ଏତେ ରାଗ ଅଛି ଯେ ଆଇଓସିଏଲର ଦାୟିତ୍ୱରେ ଥିବା ସମୟରେ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଦେଲେନି। ବିହାର ଓ ମଧ୍ୟପ୍ରଦେଶର ଯୁବକମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଏହାପରେ ସେ ଯେହେତୁ ଉତ୍ତରପ୍ରଦେଶର ପ୍ରଭାରୀ ଥିଲେ ୟୁପିର ଯୁବକମାନଙ୍କୁ ସେଠାରେ ନିଯୁକ୍ତି ଦେଲେ। ଏଠାରେ ଡ. ଲେନିନ୍ ମହାନ୍ତି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଯଦି ସତ୍ ସାହାସ ଅଛି ଆସନ୍ତାକାଲି ସମ୍ବଲପୁରରେ ନାମାଙ୍କନପତ୍ର ଦାଖଲ କରିବା ପୂର୍ବରୁ କେତେ ଓଡ଼ିଆ ଯୁବକଙ୍କୁ ଆଇଓସିଏଲରେ ନିଯୁକ୍ତି ଦେଇଛ ତା'ର ଏକ ତାଲିକା ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ବୋଲି କହିଛନ୍ତି। ଯେହେତୁ ଓଡ଼ିଶା ପ୍ରତି ଧର୍ମେନ୍ଦ୍ରଙ୍କ ପ୍ରବଳ ରାଗ ଥିଲା ତେଣୁକରି ଓଡ଼ିଶାର ଯୁବକମାନେ କେମିତି ଉପେକ୍ଷିତ ହେବେ ସେଥିପାଇଁ କାମ କରୁଥିଲେ। ସେହିଭଳି ଧର୍ମେନ୍ଦ୍ର ପ୍ରଧାନ ଯେତେବେଳେ ପେଟ୍ରୋଲିୟମ ମନ୍ତ୍ରୀ ଥିଲେ ସେହି ବିଭାଗରୁ ମିଳୁଥିବା ସିଏସଆର ଫଣ୍ଡ ଦେବାରେ ମଧ୍ୟ ଓଡ଼ିଶାକୁ ଅଣଦେଖା କରିଥିଲେ। ସିଏସ୍‌ଆର ଫଣ୍ଡ ଦେବା ସମୟରେ ଓଡ଼ିଶାର ଅସ୍ମିତା କଥା ମନେପଡ଼ିଲାନି, ବିହାର ପ୍ରତି ଥିବା ପ୍ରେମ ମନେପଡ଼ିଲା କି ବୋଲି ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ଥାଇ ଓଡ଼ିଶା ପାଇଁ କିଛି କରିବାକୁ ସୁଯୋଗ ଥିବା ସମୟରେ କରିପାରିଲେନି, କିନ୍ତୁ ଏବେ ବାହସ୍ଫୋଟ ମାରୁଛନ୍ତି। ନିଜ ଅଞ୍ଚଳରେ ଫୁଟ୍ ଓଭର ବିଜ୍ରଟିଏ କରିପାରୁ ନଥିବା ଧର୍ମେନ୍ଦ୍ର ପ୍ରଧାନଙ୍କର ଦକ୍ଷତା କେତେ ତାହା ଏଥିରୁ ସ୍ପଷ୍ଟ ହେଉଛି। ସେ ସମ୍ବଲପୁରବାସୀଙ୍କ ପାଇଁ କ'ଣ କରିପାରିବେ। ଏନ୍‌ଏଚ୍ - ୫୫ ପ୍ରସଙ୍ଗରେ ପୂର୍ବରୁ ବାହାବା ନେଉଥିଲେ। ଏବେ କିନ୍ତୁ ଏନ୍‌ଏଚ୍- ୫୫ ର କାମ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ବିଳମ୍ବ ହେଉଛି। ତେଣୁକରି ପୂର୍ବରୁ ବାହାବା ନେଉଥିବା ବ୍ୟକ୍ତି ଏବେ କହୁଛନ୍ତି ମୁଁ ରାସ୍ତା ବିଭାଗର ମନ୍ତ୍ରୀ ନୁହେଁ ବୋଲି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସମ୍ବଲପୁରବାସୀଙ୍କ ଅବଦାନ ଅନେକ। କିନ୍ତୁ ଓଡ଼ିଶାକୁ ଉପେକ୍ଷିତ କରୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବେ ବୁଲିବୁଲି ସମ୍ବଲପୁରରେ ନିର୍ବାଚନ ଲଢ଼ିବାକୁ ଭୋଟ ଭିକ୍ଷା କରୁଛନ୍ତି। ସମ୍ବଲପୁର ଅଞ୍ଚଳର ବାମରାକୁ ଯାଇ ଧର୍ମେନ୍ଦ୍ର ବାବୁ ଭୋଟ ମାଗୁଛନ୍ତି। କିନ୍ତୁ ବାମରାରେ ଥିବା ରେଳ ଷ୍ଟେସନର ଦୁର୍ଗତି ବିଷୟରେ କେବେ ଥରେ ହେଲେ ଚିନ୍ତା କରିଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି ଡ. ଲେନିନ୍ ମହାନ୍ତି। ସମ୍ବଲପୁରବାସୀ ଜ୍ଞାନୀଗୁଣି ଲୋକ। ତେଣୁକରି ଏ ବ୍ୟକ୍ତିଙ୍କୁ ଜାଣି ରଖନ୍ତୁ ଏବଂ ଉଚିତ ସମୟରେ ଉଚିତ ଜବାବ ଦିଅନ୍ତୁ ବୋଲି ସେ ଗଣମାଧ୍ୟମ ଜରିଆରେ ସମ୍ବଲପୁରବାସୀଙ୍କୁ ନିବେଦନ କରିଛନ୍ତି।



**ଧର୍ମେନ୍ଦ୍ରଙ୍କୁ ଖୋଲା ଚ୍ୟାଲେଞ୍ଜ**
**ଯଦି ସାହାସ ଅଛି ଉତ୍ତର ଦିଅ: ଡ. ଲେନିନ୍ ମହାନ୍ତି**

# ଦେବେଶ, ପରିଣିତାଙ୍କ ନାମାଙ୍କନ ଦାଖଲ

**ବରଗଡ଼, ୨।୫(ସମିସ)**

ବରଗଡ଼ ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ଓ ସାଂସଦ ପ୍ରାର୍ଥୀନୀ ପରିଣୀତା ମିଶ୍ର ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରଗଡ଼ ଗଣେଶରାମ ଭବନଠାରୁ ଆରମ୍ଭ ହୋଇଥିବା ଏକ ବିରାଟ ଶୋଭାଯାତ୍ରା ଯାଇ ଶ୍ରୀ ଆଚାର୍ଯ୍ୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଶ୍ରୀମତୀ ମିଶ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ହଜାର ହଜାର ସମର୍ଥକ ଯୋଡ଼ିଶଙ୍ଖ ବାଦ୍ୟ ଓ ପାରମ୍ପରିକ ଲୋକ ବାଦ୍ୟ ସାମିଲ ଥିଲା। ରାଜ୍ୟ ବିଜେଡି ଉପସଭାପତି ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ରୀତା ସାହୁ, ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଗୌରହରି ମିଶ୍ର, ବିଜେଡି ବରିଷ୍ଠ ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଯୁବନେତା ସୁଶାନ୍ତ ମିଶ୍ର, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଅନୁରାଧା ଅଗ୍ରୱାଲ, ମୀନାକ୍ଷୀ ମିଶ୍ର, ଉପନଗରପାଳ ରାଜେଶ ଅଗ୍ରୱାଲ, ଯୁବନେତା ପ୍ରଦ୍ୟୁମ୍ନ ତ୍ରିପାଠୀ, ପ୍ରଣୟ ସାହୁ, କରନ ସିକନ୍ଦର ପ୍ରମୁଖ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବିଧାୟକଙ୍କ ସ୍ୱଚ୍ଛ ବ୍ୟକ୍ତିତ୍ୱ ତଥା ବ୍ୟାପକ ଜନସମ୍ପର୍କ ଏହି ଶୋଭାଯାତ୍ରାରେ




ପ୍ରତିଫଳିତ ହୋଇଛି ବୋଲି ବିଜେଡି ନେତା ମାନେ ପ୍ରକାଶ କରିଥିଲେ। ରାଜ୍ୟର ପ୍ରଗତି ପାଇଁ ଲୋକେ ଓଡ଼ିଶାରେ ପୁଣିଥରେ ନବୀନ ବାବୁଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକ ଦେବେଶ ଏବଂ ସାଂସଦ ପ୍ରାର୍ଥୀନୀ ପରିଣୀତା ମିଶ୍ରଙ୍କୁ ବିପୁଳ ସମର୍ଥନ ଦେବାକୁ ସ୍ଥିର କରି ସାରିଛନ୍ତି ବୋଲି ଏହି ନେତା ମାନେ ପ୍ରକାଶ କରିଛନ୍ତି। ସହରର ପ୍ରତି ୱାର୍ଡ଼ରୁ ଶତାଧିକ ସଂଖ୍ୟାରେ ସମର୍ଥକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ହଜାର ହଜାର ସମର୍ଥକଙ୍କ ଉପସ୍ଥିତି ଓ ସମର୍ଥନ ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିବା ବେଳେ ବରଗଡ଼ ଲୋକସଭା ଓ ଏହାର ଅନ୍ତର୍ଗତ ସମସ୍ତ ୭ ଗୋଟି ବିଧାନସଭା କ୍ଷେତ୍ରରେ ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବ ବୋଲି ଶ୍ରୀମତୀ ମିଶ୍ର କହିଛନ୍ତି।





# ମାତୃ ନିକେତନକୁ ବସ୍ ଦେଲା ଷ୍ଟେଟ୍ ବ୍ୟାଙ୍କ

**ପାଇକମାଳ, ୨।୫ (ସମିସ):** ପାଇକମାଳ ବ୍ଲକ ନୃସିଂହନାଥ ନିକଟସ୍ଥ କସ୍ତୁରବା ଗାନ୍ଧୀ ମାତୃ ନିକେତନକୁ ବୁଧବାର ଏସ.ବି.ଆଇ. ସି. ଜି.ଏମ. ଦିନେଶ ପୃଥି ଏକ ସ୍କୁଲ ବସ ପ୍ରଦାନ କରିଛନ୍ତି। ପ୍ରଥମେ ସେ ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗତ ଡିସେମ୍ବର ୨୬ ତାରିଖ ଦିନ ରାଜ୍ୟପାଳ ରଘୁବାର ଦାସ ମାତୃ ନିକେତନ ପରିଦର୍ଶନରେ ଆସି ବିଭିନ୍ନ ସୁବିଧା ଅସୁବିଧା ଛାତ୍ରଛାତ୍ରୀ ମାନଙ୍କୁ ପଚାରି ଥିଲେ ଏବଂ ମୁଖ୍ୟ ଅସୁବିଧା ମଧ୍ୟରେ ଗୋଟିଏ ସ୍କୁଲ ବସ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କଲେ ସୁବିଧାରେ ଯିବା ଆସିବା କରିପାରିବେ ବୋଲି ଚିନ୍ତା କରି ଏକ ସ୍କୁଲ ବସ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟପାଳଙ୍କ ନିର୍ଦ୍ଦେଶ କ୍ରମେ ଏସ.ବି.ଆଇ. ସି. ଜି.ଏମ. ଶ୍ରୀ ପୃଥି, ଜି.ଏମ. ମନମୋହନ ସ୍ୱାଇଁ, ଆର.ଏମ. ମଦୁସୁଦନ ରଥ, ଡି. ଜି.ଏମ. ସାମଦେନ ଦୋରଜି ଲାମା ମାତୃନିକେତନକୁ ଆସି ସ୍କୁଲ ବସ ପ୍ରଦାନ କରିଥିଲେ। ଏହି ସମୟ ରେ କାର୍ଯ୍ୟକାରୀ କମିଟି ର ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ, ସମ୍ପାଦିକା ମମତା ପୁରୋହିତ, ଉପ-ସଭାନେତ୍ରୀ ଭାରତୀ ଶତପଥୀ, ସଭ୍ୟା ଭାରତୀ ପଟ୍ଟନାୟକ, ଅନିତା ଛତର, ନିରୂପମା ମହାପାତ୍ର, ସଞ୍ଜୀବ ଦାଶ, ଅଙ୍କିତା ପଣ୍ଡା, ରାଗିନୀ ମିଶ୍ର, ନୀଳିମା ଗିରି, ଅନୁଶ୍ରୀ ଶର୍ମା, ସୁରଭି ବାରିକ ଉପସ୍ଥିତ ଥିଲେ। ଏଥିସହ ଶ୍ରୀ ପୃଥି ଛୋଟ ଛୋଟ ଛୁଆ ମାନଙ୍କ ଘର କୁ ପରିଦର୍ଶନ କରିବାକୁ ଯାଇଥିଲେ ଏବଂ ସେଠାରେ ଲିପି ଦାଶ ଗୋଟିଏ ଏ.ସି. ଦେବା ପାଇଁ ଅନୁରୋଧ କରିବାରୁ ଖୁସିହୋଇ ଦୁଇଗୋଟି ଏ.ସି. ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ନିର୍ମଳ ଗିରି ସମସ୍ତଙ୍କୁ ଧନ୍ୟବାଦ ଦେଲେ।




## ରୋଟାରୀ ପବ୍ଲିକ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର

**ବରଗଡ଼, ୨।୫(ସମିସ):** ସ୍ଥାନୀୟ ରୋଟାରୀ ପବ୍ଲିକ ସ୍କୁଲର ଗ୍ରୀଷ୍ମକାଳୀନ ଶିବିର -୨୦୨୪ ସ୍କୁଲ ଚେୟାରମେନ୍ ସୁରେଶ କେଜ୍ରିୱାଲଙ୍କ ମାର୍ଗଦର୍ଶନରେ ପରିଚାଳନା କମିଟି ସଦସ୍ୟ ବୀରେନ୍ଦ୍ର ଶତପଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଛାତ୍ରଛାତ୍ରୀ ମାନଙ୍କ ଗ୍ରୀଷ୍ମ ଅବକାଶର ସଦ୍‌ବିନିଯୋଗ ଉଦ୍ଦେଶ୍ୟ ରଖି ଉକ୍ତ କ୍ୟାମ୍ପରେ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, ସ୍ପୋକେନ ଇଂଲିଶ୍, ମାର୍ଶଲ ଆର୍ଟ, ଯୋଗ, ଆବାକସ୍, ସ୍କେଟିଙ୍ଗ୍ ଏବଂ ପ୍ରି ପ୍ରାଇମେରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ରାଇମସ୍, ନୃତ୍ୟ, ଖେଳ, ସ୍ପୋକେନ ଇଂଲିଶ୍, ଚିତ୍ରାଙ୍କନ ଉପରେ ୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ଶିବିରରେ ଚିତ୍ରାଙ୍କନ ଶିକ୍ଷକ ବୃନ୍ଦାବନ ବିଶି, ସଙ୍ଗୀତ ଶିକ୍ଷକ ସଂଦୀପ ମହାପାତ୍ର, ସ୍ପୋକେନ ଇଂଲିଶ୍ ଶିକ୍ଷକ ବ୍ରଜେନ୍ଦ୍ର ମହାପାତ୍ର, ଡାନ୍ସ ଶିକ୍ଷକ କୁଶ ମଲ୍ଲିକ, ମାର୍ଶଲ ଆର୍ଟ ଶିକ୍ଷକ ଆଶୁତୋଷ ଦାଶ, ଯୋଗ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସାହୁ, ଆବାକସ୍ ଶିକ୍ଷକ ସୌମେନ୍ଦ୍ର ପାଢ଼ୀ, ସ୍କେଟିଙ୍ଗ୍ ଶିକ୍ଷକ ସୁରଜ ଜେନା ଏବଂ ପ୍ରି ପ୍ରାଇମେରୀ ଛାତ୍ରଛାତ୍ରୀମାନଙ୍କ ପାଇଁ ସୁଚିସ୍ମିତା ମିଶ୍ର ଓ ନିକିତା ମହାପାତ୍ରଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମରେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରିନ୍ସିପାଲ ଗଜେନ୍ଦ୍ର ନାରାୟଣ ମିଶ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

## ଜ୍ୟୋତିର୍ମୟୀ ଦାଶଙ୍କ ପରଲୋକ

**ଭେଡେନ, ୨।୫(ସମିସ):** ଭେଡେନ ବ୍ଲକ ଅନ୍ତର୍ଗତ ଧୁବେନପାଲି ଗ୍ରାମର ଅବସରପ୍ରାପ୍ତ ଅଦର୍ଶ ଶିକ୍ଷକ ବିନୋଦ ଚନ୍ଦ୍ର ଦାଶଙ୍କ ଧର୍ମପତ୍ନୀ ଜ୍ୟୋତିର୍ମୟୀ ଦାଶ(୭୧)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର



ଛାୟା ଖେଳି ଯାଇଛି। ଜଣେ ପରୋପକାରୀ ଓ ଧର୍ମପରାୟଣ ତଥା ବିଭିନ୍ନ ସମାଜ ସେବା କ୍ଷେତ୍ରରେ ମୁଖ୍ୟଭୂମିକା ନିର୍ବାହ କରୁଥିଲେ। ଖବର ପାଇ ଅଞ୍ଚଳର ବହୁ ମାନଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିମଟରେ ସ୍ୱାମୀ, ପୁଅ, ପୁତ୍ର ବଧୂ, ନାତି ନାତୁଣୀ, ବନ୍ଧୁ ପରିଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବଡ଼ପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

## କୁଷ୍ଟା ସମାଜର ମହାସଭା

**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ଅନ୍ତର୍ଗତ ଦର୍ବେକେଲା ଠାରେ କୁଷ୍ଟା ସମାଜର ପଞ୍ଚମ ମହାସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାଁ ସମଲେଶ୍ୱରୀ ଓ ପାଟଣେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପରେ ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ଏଥିରେ ସଭାପତି ଅକ୍ଷୟ ମେହେର, ଉପସଭାପତି ରବୀନ୍ଦ୍ର ମେହେର, ସମ୍ପାଦକ ନେପାଳ ମେହେର, ସହ ସମ୍ପାଦକ କୈଳାଶ ମେହେର ଓ କୋଷାଧ୍ୟକ୍ଷ ଘନଶ୍ୟାମ ମେହେର ମନୋନୀତ ହୋଇଥିବା ବେଳେ ସଭ୍ୟ ଭାବେ କାନୁ ମେହେର, ସୁବାଷ ମେହେର, କୁଶ ମେହେର, ମିଲୁ, ଅଶ୍ୱିନୀ ଜେହେରୁ, କଳାକାର, ଅର୍ଜୁନ, ରତ୍ନା ମନୋନୀତ ହୋଇଥିଲେ। ଶେଷରେ ସମ୍ପାଦକ ନେପାଳ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ନାମାଙ୍କନ ଦାଖଲ କଲେ ରୀତା ସାହୁ

**ବରଗଡ଼, ୨।୫(ସମିସ):** ବୁଧବାର ବିଜେପୁର ବିଧାନସଭା ବିଜେଡି ପ୍ରାର୍ଥୀ ଭାବେ ମନ୍ତ୍ରୀ ରୀତା ସାହୁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶ୍ରୀମତୀ ସାହୁ ବରଗଡ଼ ସାଇକ୍ରିଷ୍ଣା ପେଲେସରୁ ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶ୍ରୀମତି ସାହୁ ବରପାଲି ସ୍ଥିତ ମାଁ ସମଲେଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହାସହ ସ୍ୱଭାବ କବି ଗଙ୍ଗାଧର ମେହର ଏବଂ ତାଙ୍କ ସ୍ୱାମୀ ସ୍ୱର୍ଗତ ସୁବଳ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ ପରେ ବରଗଡ଼ ଯାଇଥିଲେ। ସେ ନାମାଙ୍କନ ପତ୍ର ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂଙ୍କ ଠାରେ ଦାଖଲ କରିଥିଲେ। ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ବିଜେପୁରବାସୀ ସଂକଳ୍ପ ନେଇଥିବା ବେଳେ ତାଙ୍କୁ ମଧ୍ୟ ବିଜେପୁରବାସୀ ଆର୍ଶୀବାଦ ପ୍ରଦାନ କରିବେ ବୋଲି କହିଥିଲେ।



ଏ ଅବସରରେ ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ର, ଯୁବନେତା ସୁଶାନ୍ତ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇଙ୍କ ସମେତ ବିଜେପୁର, ବରପାଲି, ଗାଇସିଲେଟ ବ୍ଲକର ହଜାର ହଜାର ସମର୍ଥକ ସାମିଲ ହୋଇଥିଲେ। ବୁଧବାର ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏବଂ ଭଟଲି ବିଜେପି ବିଧାନସଭା ପ୍ରାର୍ଥୀ ଇରାଶିଷ ଆଚାର୍ଯ୍ୟ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ୭୦ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼, ୨।୫ (ସମିସ):** ବରଗଡ଼ ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହିଥିବା ବେଳେ ରକ୍ତ ଅଭାବରୁ ରୋଗୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତସଂଗ୍ରହ ବାଧାପ୍ରାପ୍ତ ହେଉଥିବା ବେଳେ ରକ୍ତଦାନ କରିବାକୁ ଲୋକେ କୁଣ୍ଠାବୋଧ ମଧ୍ୟ କରୁଛନ୍ତି। ଏପରି ପରିସ୍ଥିତିରେ ରକ୍ତଭଣ୍ଡାରକୁ ରକ୍ତ ଯୋଗେଇଦେବାକୁ ଯାଇ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ଓ ହାଟପଦା ସ୍ଥିତ ମାଁ ଜଗତଜନନୀ ଦୁର୍ଗା ମନ୍ଦିର କମିଟି ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ୭୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ତାଙ୍କ ଧର୍ମପତ୍ନୀ ମାହେଶ୍ୱତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତବିନ୍ଦୁ ର ସଂଯୋଜକ ଗୌରହରି ମିଶ୍ର, ବରଗଡ଼ ସାଂସଦ ପ୍ରାର୍ଥୀ ପରିଣିତା ମିଶ୍ର, ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ଓକିଲ ସଙ୍ଘ ସଭାପତି ଭୀଷ୍ମଦେବ ସରାଫ ଉପସ୍ଥିତ ଥିଲେ। ମାଁ ଜଗତଜନନୀ ଦୁର୍ଗା ମନ୍ଦିର କମିଟିର ସଭାପତି ସମେନ୍ଦ୍ର ଗହୀର, ସମ୍ପାଦକ ଉଦ୍ଧବ ଡାଙ୍ଗ, କୋଷାଧ୍ୟକ୍ଷ ବିକାଶ ପାଣିଗ୍ରାହୀ, ମନ୍ଦିର କମିଟି ସଦସ୍ୟ ରାଜେନ୍ଦ୍ର ପ୍ରଶାଦ ସିଂ, ଜଗନ୍ନାଥ କର୍ଣ୍ଣ, କାଉନସିଲର ରାଜୁ ଦାସ, ମାତୃଶକ୍ତି ସେବା ସମିତି, ମାଦୁର୍ଗା ମହିଳା ସମିତି, ଦିଶା ମହିଳା ସମିତିର ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଖାଉଟି ଅଦାଲତରେ ବିଶାଳ ମେଗାମାର୍ଟ ଦଣ୍ଡିତ

**ବରଗଡ଼, ୨।୫(ସମିସ):** ଗ୍ରାହକ କିଣିଥିବା ସାମଗ୍ରୀକୁ ନେବା ପାଇଁ ବିଶାଲ ମେଗା ମାର୍ଟ ଦେଇଥିବା କେରିବେଗ ବାବଦକୁ ଟଙ୍କା କାଟି ରଖିବା ମହଙ୍ଗା ପଡ଼ିଛି। ଏଭଳି ଏକ ମାମଲା ଖାଉଟି ଅଦାଲତକୁ ଯାଇ ଏକ ଐତିହାସିକ ରାୟରେ ୨୩ ଟଙ୍କା କେରୀବ୍ୟାଗ ବାବଦ ଅନ୍ୟାୟ ଅସୁଲିର ଦଣ୍ଡ ସ୍ୱରୂପ ବିଶାଲ ମେଗା ମାର୍ଟକୁ ୧୫ ହଜାର ୯୮୦ ଟଙ୍କା ଖାଉଟି ଅଦାଲତରେ ଚେକ୍ ମାଧ୍ୟମରେ ସମ୍ପୃକ୍ତ ଖାଉଟି ବିବେକାନନ୍ଦ ମହାପାତ୍ରଙ୍କୁ ଫେରସ୍ତ ଦେବାକୁ ପଡ଼ିଛି। ବରଗଡ଼ ଭଟଲି ଛକ ସ୍ଥିତ ବିଶାଲ ମେଗା ମାର୍ଟରୁ ପ୍ରଧାନପାଲି ରୋଡ୍ ସ୍ଥିତ ଏସ୍ ଏସ ଭିମରାଜ୍ ଭିଲ୍ଲା ନିବାସୀ ବିବେକାନନ୍ଦ ମହାପାତ୍ର ଗତ ୨୦୧୯ ନଭେମ୍ବର ୨୫ ତାରିଖରେ କିଛି ପରିଧାନ ସାମଗ୍ରୀ କିଣିଥିଲେ। ବିଲ୍ କାଉଣ୍ଟରରେ ଦେୟ ପ୍ରଦାନ ପରେ ସମ୍ପୃକ୍ତ ଅନୁଷ୍ଠାନର ବିଜ୍ଞାପନ ଛାପା କେରିବ୍ୟାଗରେ ସାମଗ୍ରୀ ସବୁ ଭର୍ତ୍ତି କରି କାଉଣ୍ଟର କର୍ମଚାରୀ ବିଲ୍ ସହ ଶ୍ରୀ ମହାପାତ୍ରଙ୍କୁ ଦେଇଥିଲେ। ବିଲ୍ ରେ କେରିବ୍ୟାଗ ବାବଦକୁ ୨୩ ଟଙ୍କା ଅନ୍ୟାୟ ବିଲିଂ ହୋଇଥିବା ବାବଦରେ ଶ୍ରୀ ମହାପାତ୍ର ପ୍ରତିବାଦ ଜଣାଇଥିଲେ। ମାତ୍ର ଏହା ବ୍ୟବସ୍ଥାଗତ ବୋଲି କାଉଣ୍ଟରରେ କର୍ତ୍ତୃପକ୍ଷ ଦର୍ଶାଇଥିଲେ। ଏଭଳି ଅନ୍ୟାୟ ଭାବେ ଗ୍ରାହକଙ୍କ ଠାରୁ ଟଙ୍କା ଲୁଟ ହେଉଥିବା ନେଇ ଶ୍ରୀ ମହାପାତ୍ର ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ବିଶାଲ ମେଗାମାର୍ଟର ଲୋଗୋ ପ୍ରିଣ୍ଟ ହୋଇଥିବା କେରୀ ବ୍ୟାଗ ବାବଦକୁ ଗ୍ରାହକଙ୍କୁ ନଜଣାଇ ଟଙ୍କା ଅସୁଲି କରିଥିବା ଅପରାଧ ଅଟେ ଦର୍ଶାଇ ମାନ୍ୟବର ବରଗଡ଼ ଖାଉଟି ଅଦାଲତ ଏକ ରାୟ ଶୁଣାଇ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିଲେ। ସମ୍ପୃକ୍ତ ଖାଉଟିଙ୍କ ଠାରୁ ଅନ୍ୟାୟରେ ନିଆଯାଇଥିବା ୨୩ ଟଙ୍କା ସମେତ ମାନସିକ ଭାବେ ଅଶାନ୍ତି ପ୍ରଦାନ ବାବଦକୁ ୧୦ ହଜାର ଟଙ୍କା ଏବଂ ଆଇନଗତ ସହାୟତା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ଏକ ମାସ ମଧ୍ୟରେ ପ୍ରଦାନ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଖିଲାପ କଲେ ବାର୍ଷିକ ୧୨ ପ୍ରତିଶତ ହାରରେ ସୁଧ ଅସୁଲି ନିର୍ଦ୍ଦେଶ ଦେଇଥିଲେ। ଦେୟ ପ୍ରଦାନରେ ବିଳମ୍ବ କରିଥିବା ଯୋଗୁଁ ଅଦାଲତର ନିର୍ଦ୍ଦେଶ ମତେ ଗତ ସୋମବାର ଦିନ ବିଶାଲ ମେଗା ମାର୍ଟ କର୍ତ୍ତୃପକ୍ଷ ସୁଧ ସହିତ ମୋଟ ୧୫ ହଜାର ୯୮୦ ଟଙ୍କା ଚେକ୍ ନମ୍ବର ୯୫୬୪୨୩ ମାଧ୍ୟମରେ ଅଦାଲତରେ ସମ୍ପୃକ୍ତ ଖାଉଟିଙ୍କୁ ପ୍ରଦାନ କରିଥିଲେ। ବରଗଡ଼ ଖାଉଟି ଅଦାଲତର ସଭାପତି ଜିଗୀଶା ମିଶ୍ର ଓ ସଦସ୍ୟା ଅଞ୍ଜୁ ଅଗ୍ରୱାଲ ମାମଲାର ବିଚାର କରି ଏହି ଐତିହାସିକ ଦଣ୍ଡବିଧାନ କରିଥିବା ବେଳେ ଖାଉଟିଙ୍କ ତରଫରୁ ଏଡଭୋକେଟ ମୋହିତ କୁମାର ମହାପାତ୍ର ମୋକଦ୍ଦମା ପରିଚାଳନା କରିଥିଲେ। ନିଜ ଅନୁଷ୍ଠାନର ଲୋଗୋ ଥାଇ କେରି ବ୍ୟାଗ ବିକ୍ରି କରିବା ଭଳି ଅନ୍ୟାୟ ବାବଦରେ ଦଣ୍ଡିତ ହେବାରେ ବିଶାଲ ମେଗା ମାର୍ଟ ପାଇଁ ଓଡ଼ିଶାରେ ଏହା ପ୍ରଥମ ଏବଂ ସର୍ବଭାରତୀୟ ସ୍ତରରେ ଦିଲ୍ଲୀର ଏକ ଘଟଣା ପରେ ବରଗଡ଼ ମାମଲା ଦ୍ୱିତୀୟ ବୋଲି କୁହାଯାଇଛି।

# ଖବର ପ୍ରକାଶ ପରେ ମରାମତି ହେଲା ନଳକୂପ

**ପାଇକମାଳ, ୨।୫ (ସମିସ) :** ପାଇକମାଳ ବ୍ଲକ ଜାମସେଠ ବସଷ୍ଟାଣ୍ଡ ନିକଟରେ ଥିବା ସରକାରୀ ନଳକୂପ ଅଚଳା ହୋଇ ପଡ଼ି ରହିଥିଲା। ମରାମତି ପାଇଁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କଲା ପରେ ବି ମରାମତି ହୋଇନଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା ଓ ନଳକୂପ ମରାମତି କରାଯାଇଥିଲା। ପ୍ରବଳ ଖରା ସହ ଝାଞ୍ଜି ମାଡ଼ରେ ପାଣି ସମସ୍ୟା ଥିବାରୁ ନଳକୂପ ମରାମତି ହୋଇ ପାଣି ବାହାରୁ ଥିବାରୁ ପଡ଼ାବାସୀ ତଥା ଯାତ୍ରୀମାନେ ଆନନ୍ଦ ପ୍ରକାଶ କରିଛନ୍ତି।



# ବିବାହ ବାର୍ଷିକୀ ଓ ଜନ୍ମଦିନରେ ଚାରା ରୋପଣ

**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ନିକଟସ୍ଥ ମହୁଲପାଲି ଠାରେ ନିଆରା ଢଙ୍ଗରେ ବିବାହ ବାର୍ଷିକୀ ଓ ଜନ୍ମଦିନ ପାଳିତ ହୋଇଯାଇଛି। ଆଜିର ଆଧୁନିକ ଯୁଗରେ ଯୁବ ପୀଢ଼ି କେକ୍ କାଟି, ଭୋଜିଭାତ କରି ଜନ୍ମଦିନ ଓ ବିବାହ ବାର୍ଷିକୀ ପାଳନ କରୁଥିବାବେଳେ ଏହା ପରିବର୍ତ୍ତେ ବୃକ୍ଷରୋପଣ କରି ୧୫ତମ ବିବାହ ବାର୍ଷିକୀ ପାଳିଛନ୍ତି ଗାଁର ରବୀନ୍ଦ୍ର ବରିହା ଓ ତାଙ୍କ ପତ୍ନୀ ମନ୍ଦାକିନୀ ବରିହା। ପ୍ରକୃତି ବନ୍ଧୁ ମୀନକେତନ ସାହୁଙ୍କ ପ୍ରେରଣା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିଜ ପରିବାର ସଦସ୍ୟଙ୍କ ଗହଣରେ ବରିହା ଦମ୍ପତି ନିଜ ବାରିପଟେ ଗୋଟିଏ ଅଶୋକ ଗଛ ଲଗାଇ ଏହି ପବିତ୍ର ଦିନକୁ ନିରାଡ଼ମ୍ବର ଭାବରେ ପାଳିଛନ୍ତି।। ଏହା ବ୍ୟତୀତ ଦିଲୀପ ସାହୁ ଓ ସ୍ୱାଗତିକା ସାହୁ ତାଙ୍କ ପୁଅ ସଂକେତର ସପ୍ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ପରିବାର ସଦସ୍ୟଙ୍କ ସହ ବୃକ୍ଷରୋପଣ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।



# ପ୍ରାର୍ଥିପତ୍ର ଦାଖଲ କଲେ ମହିମା ସାଧୁ ବିନୋଦ ବାବା



**ବରଗଡ଼, ୨।୫(ସମିସ)**

ବରଗଡ଼ ବିଧାନସଭା ପାଇଁ ମହିମା ସାଧୁ ଭକ୍ତ ବିନୋଦ ବାବା ନାମାଙ୍କନ ଦାଖଲ କରିବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେ ବରଗଡ଼ ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମହିମା ଭକ୍ତ ବିନୋଦ ବାବା ବିନା ସମର୍ଥକରେ କେବଳ ମାତ୍ର ଜଣେ ପ୍ରସ୍ତାବକ ଏବଂ ଓକିଲଙ୍କ ସହିତ ବରଗଡ଼ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିଥିଲେ। ଉପଜିଲ୍ଲାପାଳଙ୍କୁ ପ୍ରାର୍ଥୀପତ୍ର ଅର୍ପଣ ସହ ସମସ୍ତଙ୍କ ପ୍ରଣାମ ଜଣାଇଥିଲେ। ନ୍ୟାୟ ନପାଇଲେ ଲଢ଼େଇ କର ବୋଲି ସେ ଆହ୍ୱାନ ଦେଇ ଆସୁଥିବା ବାବା ବିଭିନ୍ନ ସମୟରେ ଦୁର୍ନୀତି ତଥା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ଏବେ ସେ ନିର୍ବାଚନ ମଇଦାନରେ ଓହ୍ଲେଇବା ବରଗଡ଼ରେ ଚର୍ଚ୍ଚାର ବିଷୟ ପାଲଟିଛି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ରତ୍ନପ୍ରଭା ଜେନା
ଆବିର୍ଭାବ: ୦୧.୦୧.୧୯୪୫
ତିରୋଧାନ: ୨୨.୦୪.୨୦୨୪
ପତରାଜପୁର, ବାଲିଚନ୍ଦ୍ରପୁର, ଯାଜପୁର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ବନ୍ଧୁବାନ୍ଧବ ଓ ପରିବାରବର୍ଗ

### ମୌଳିକ ସୁବିଧାରୁ ବଞ୍ଚିତ ଡେଙ୍ଗ୍ ଫାର୍ସି

# ସମସ୍ୟାର ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ଥୁଆମୂଳ ରାମପୁର, ୨।୫(ସମିସ)**

ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ଆଜିବି ଅନେକ ଅଞ୍ଚଳ ଅବହେଳିତ ଅବସ୍ଥାରେ ରହିଯାଇଛି। ସାଧାରଣ ମୌଳିକ ସୁବିଧା ପାଇବା ପାଇଁ ଚାତକ ପରି ଅନାଇ ବସିଛନ୍ତି। ଶାସନ ପରେ ଶାସନ ବଦଳିଛି କିନ୍ତୁ ବଦଳିପାରିନି ଏସବୁ ଅଞ୍ଚଳର ଚିତ୍ର। ଯାହାକୁ ନେଇ ଏସବୁ ଅଞ୍ଚଳଗୁଡ଼ିକର ଜନସାଧାରଣ ପ୍ରଶାସନ ଏବଂ ଜନପ୍ରତିନିଧି ମାନଙ୍କ ବୈମାତୃକ ମନୋଭାବ ହିଁ ଅଞ୍ଚଳର ବିକାଶରେ ବାଧକ ସୃଷ୍ଟି କରୁଥିବା ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ସାମ୍ନାକୁ ଆସୁଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଥୁଆମୂଳ ପଞ୍ଚାୟତ ଅଧୀନ ଡେଙ୍ଗଫାର୍ସିରେ ଏଭଳି ସମସ୍ୟା ଦେଖାଦେଇଛି। ସମସ୍ୟାର ସମାଧାନ ନହେଲେ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ପ୍ରାୟ ୨୨୦ ଜନସଂଖ୍ୟା ବିଶିଷ୍ଟ ଏହି ରାଜସ୍ୱ ଗ୍ରାମରେ ପ୍ରାୟ ୧୦୦ ଜଣ ଭୋଟର୍ ଅଛନ୍ତି। ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ, ପାନୀୟଜଳ ଏବଂ ବିଜୁଳି ଆଲୁଅ ପ୍ରତ୍ୟେକ କ୍ଷେତ୍ରରେ ଏହି ଗାଁକୁ ଅବହେଳା କରାଯାଇଥିବା ନେଇ ଗୁରୁବାର ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଗ୍ରାମର ପୁରୁଷ ଓ ମହିଳା ଏକତ୍ର ହୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଆସି ଏହି ଅଭିଯୋଗପତ୍ର ଦେଇଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ୍ ଗ୍ରାମବାସୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଗ୍ରାମର ପ୍ରତ୍ୟେକ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରଶାସନକୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି ଗ୍ରାମବାସୀ।



# ଥଇଥାନ ହେଲେ ଦୁଇ ଅନାଥ ଶିଶୁ

**ଭବାନୀପାଟଣା, ୨।୫ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାଂଝରି ଗାଁରେ ପିତା ଉଦ୍ଧବ କାଣ୍ଡ ଓ ମାତା ମୁକ୍ତା କାଣ୍ଡଙ୍କ ଦେହାନ୍ତ ପରେ ଦୁଇ ଶିଶୁ ଅସହାୟ ଜୀବନ ଯାପନ କରୁଥିଲେ। ବାର ବର୍ଷ ତଳେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇ ମୁକ୍ତାଙ୍କ ଦେହାନ୍ତ ହୋଇଥିବା ବେଳେ ଗତମାସ ଉଦ୍ଧବଙ୍କ ତେଲେଙ୍ଗାନାରେ ଦେହାନ୍ତ ହୋଇଥିଲା। ନିଜର ବୋଲି ଜମିବାଡ଼ି ଖଣ୍ଡିଏ ମଧ ନ ଥିବାରୁ ଉଦ୍ଧବ ପ୍ରତିବର୍ଷ ତେଲେଙ୍ଗାନା ଯାଇ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଏପଟେ ପୁଅ ଓ ଝିଅ ଗାଁରେ ରହୁଥିଲେ। ପିତାଙ୍କ ଦେହାନ୍ତ ପରେ ଦୁଇ ପୁଅ ଝିଅ ଦେଖୁ ଦେଖୁ ଅନାଥ ହୋଇଗଲେ। ସେମାନେ ବହୁତ ଅସୁବିଧା ରେ ରହୁଥିବା ବିଷୟରେ ଜାଣିଲା ପରେ ସମାଜସେବୀ ଯଶୋବନ୍ତ ରଣା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ମହାପାତ୍ରଙ୍କୁ ଅବଗତ କରିଥିଲେ। ଶିଶୁ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଗତକାଲି ସୁଧାଂଶୁ ମହାପାତ୍ର, ଗୁରୁପ୍ରସାଦ ନାଏକଙ୍କ ସହ ସମାଜସେବୀ ଯଶୋବନ୍ତ ରଣା ମାଂଝରି ଗାଁକୁ ଯାଇ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ପୁଅ ସିଦ୍ଧାନ୍ତଙ୍କୁ ଭବାନୀପାଟଣାସ୍ଥିତ ଏକ ଆଶ୍ରମ ରେ ରଖି ପଢ଼ିବାର ବ୍ୟବସ୍ଥା କରିଛନ୍ତି। ଝିଅ ଟୁନି ଗାଁରେ ରହିବ। ସିଦ୍ଧାନ୍ତର ସମସ୍ତ ପଢ଼ାଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ସ୍ୱେଚ୍ଛାସେବୀଙ୍କ ଏହିପରି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି।



## କଣ୍ଟେନର ଚାଳକଙ୍କୁ ୨ ଟ୍ରକ୍ ଚାଳକଙ୍କ ଆକ୍ରମଣ

**ଜହ୍ନାପଙ୍କ, ୨।୫ (ସମିସ):** ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ପୋଡାବଲସ ଛକ ନିକଟରେ ଜଣେ କଣ୍ଟେନର ଚାଳକଙ୍କୁ ୨ ଜଣ ଟ୍ରକ୍ ଚାଳକ ଆକ୍ରମଣ କରିଛନ୍ତି। କଣ୍ଟେନର ଚାଳକ ଗୁରୁତର ଆହତ ହୋଇଛନ୍ତି। ତେବେ ବ୍ୟକ୍ତିଗତ ମୁଚାଲିକାରେ ପୁଲିସ ଅଭିଯୁକ୍ତକୁ ଛାଡିଛି।

୨ଟି କୋଇଲା ବୋଝେଇ ଟ୍ରକ୍ ଆଗପଛ ହୋଇ ଖୋର୍ଦ୍ଧାରୁ ସମ୍ବଲପୁର ଯାଉଥିଲା। ପଛରେ ଯାଉଥିବା କୋଇଲା ବୋଝେଇ ଟ୍ରକ୍‌କୁ ଜହ୍ନାପଙ୍କ ଛକ ନିକଟରେ କଣ୍ଟେନରଟି ଓଭରଟେକ୍ କରିଥିଲା। ଏଥିରେ ଉତ୍ତେଜିତ ହୋଇ ଟ୍ରକ୍ ଚାଳକ ଆଗରେ ଯାଉଥିବା ଅନ୍ୟ କୋଇଲା ଟ୍ରକ୍ ଚାଳକକୁ ଫୋନ୍ କରି ବିହାର ରାଜ୍ୟର କଣ୍ଟେନରକୁ ଅଟକାଇବାକୁ କହିଥିଲା। ଏଣୁ ଆଗରେ ଯାଉଥିବା ଟ୍ରକ୍‌ର ଚାଳକ ପୋଡା ବଲସ ଛକ ନିକଟରେ ଟ୍ରକ୍‌କୁ ରାସ୍ତା ମଝିରେ ରଖି କଣ୍ଟେନର ଅଟକାଇ ଥିଲେ। ଉଭୟ କୋଇଲା ବୋଝେଇ ଟ୍ରକ୍ ଚାଳକ ମିଶି କଣ୍ଟେନର ଚାଳକ ଘନଶ୍ୟାମ ସିଂଙ୍କୁ ଆକ୍ରମଣ କରିଥିଲେ। ତେବେ ଆଗରେ ଥିବା ଟ୍ରକ୍ ନେଇ ଚାଳକ ଫେରାର ମାରିଥିଲା। ପଛରେ ଥିବା ଟ୍ରକ୍ ଚାଳକକୁ ସ୍ଥାନୀୟ ଲୋକେ କାବୁ କରିଥିଲେ। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ପୁଲିସ୍ କୋଇଲା ଟ୍ରକ୍ ଓ ଡ୍ରାଇଭରକୁ ଅଟକ ରଖିଥିବା ବେଳେ ଗୁରୁତର ଆହତ କଣ୍ଟେନର ଚାଳକଙ୍କୁ ଜହ୍ନାପଙ୍କ ଡାକ୍ତରଖାନାରେ ଚିକିତ୍ସା କରିଥିଲା।

## ପାଟଣାଗଡ଼ ବିଧାନସଭା ପାଇଁ ନାମାଙ୍କନପତ୍ର ଦାଖଲ କଲେ ଚାରି ପ୍ରାର୍ଥୀ

ପାଟଣାଗଡ଼, ୨।୫(ସମିସ): ପାଟଣାଗଡ଼ ବିଧାନସଭା ଆସନ ପାଇଁ ବୁଧବାର ଓ ଗୁରୁବାର ଚାରି ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଗତକାଲି ନବନିର୍ମାଣ କୃଷକ ସଂଗଠନ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଜତି ପଧାନ ଓ କଂଗ୍ରେସ ପ୍ରାର୍ଥୀ ଅନିଲ ମେହେର ନାମାଙ୍କନ ଦାଖଲ କରିଥିବାବେଳେ ଗୁରୁବାର କୋଶଲ ରାଏଜ ମୁକ୍ତିମୋର୍ଚ୍ଚା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବଳରାମ ବରୱା ଓ ଅଲଇଣ୍ଡିଆ ଫରୱାଡ ବ୍ଲକ ପାର୍ଟି ତରଫରୁ ଚୈତନ୍ୟ ବାଗ ପାଟଣାଗଡ଼ ନିର୍ବାଚନ ଅଧିକାରୀ ଅମିତ ନାୟକଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## କାପସି ଡମଗଣା ସମାଜର ନୂତନ କର୍ମକର୍ତ୍ତା ଚୟନ

**ସିନାପାଲି, ୨।୫(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କାପସି ଗ୍ରାମରେ ଡମଗଣା ସମାଜ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡମଗଣା ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନୂତନ ସଭାପତି ଭାବେ ବଂଶୀଧର ଜଗତ, ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ଜଗତ, ସମ୍ପାଦକ ଭାବେ କେଶରମଣି ଜଗତ, ସହସମ୍ପାଦକ ଭାବେ ବିହାରୀଲାଲ ଜଗତ, କୋଷାଧ୍ୟକ୍ଷ ଭାବେ ମନୋଜ ଜଗତଙ୍କୁ ମନୋନୀତ କରାଯାଇଛି। ସେହିପରି ଉପଦେଷ୍ଟା ଭାବେ ଯଦୁମଣି ହରପାଲ, ଦେବେନ୍ଦ୍ର ଜଗତ, କେଶବ ତାଣ୍ଡି, ନିରୋଜ ଜଗତ, ନିତ୍ୟାନନ୍ଦ ତାଣ୍ଡି, ଘେନୁ ଜଗତ, ପୁସ୍ତମ ତାଣ୍ଡି, ହେମସାଗର ଜଗତଙ୍କୁ ମନୋନୀତ କରାଯାଇଛି। ବୈଠକରେ ଯୁଧିଷ୍ଠିର ମହାନନ୍ଦ, ମକୁନ୍ଦ ଜଗତ, ମୁନା ତାଣ୍ଡି, କରୁଣାକର ଜଗତ, ପପୁ ଜଗତ, ବାଦଲ ମହାନନ୍ଦ, ରତନ ଜଗତ, ପରେମଶ୍ୱର ମହାନନ୍ଦ, ଭୁରି ମହାନନ୍ଦ, ତରୁଣ ଜଗତ, ଭୁନାଥ ମହାନନ୍ଦ, କପୁରଚନ ମହାନନ୍ଦ, ହେତୁରାମ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

### ଖଡ଼ିଆଳ ଅଗ୍ରେସନ ଧର୍ମଶାଳାରେ ବିଜେଡିର ମହିଳା ସମାବେଶ

# ‘ନବୀନଙ୍କୁ ବଳ ଦେବ ଯୋଡ଼ିଶଙ୍ଖ’

**ନୂଆପଡ଼ା/ଖଡ଼ିଆଳ, ୨।୪(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଅଗ୍ରେସନ





ଧର୍ମଶାଳା ପରିସରରେ ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୋଡି ଶଙ୍ଖ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ବଳ ଦେବ ବୋଲି ଏଥିରେ ମତ ପ୍ରକାଶ ପାଇଛି।

ଏହି ସମାବେଶରେ ଜିଲ୍ଲା ବିଜେଡି ସଭାପତି ମନୋଜ ମିଶ୍ର ସଭାପତିତ୍ୱ କରିଥିଲେ। ବିଜେଡିର ଖଡ଼ିଆଳ ବିଧାନସଭା ବିଧାୟକ ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀ, ପର୍ଯ୍ୟବେକ୍ଷକ ସରୋଜିନୀ ରାଜ, ଜିଲ୍ଲା ମହିଳା ବିଜେଡି ସଭାପତି ସରସ୍ୱତୀ ବାଗ, ଶେଫାଳି ସଲମା, ମନ୍ଦାକିନୀ ବଘେଲ ପ୍ରମୁଖ ଯୋଗ ଦେଇଥିଲେ। ସମାବେଶରେ ଦୁଇ ହଜାରରୁ ଅଧିକ ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ବକ୍ତାମାନେ ବିଜେଡ଼ି ସରକାର ଅମଳର ବିକାଶ ମୂଳକ ଯୋଜନା, ମହିଳାଙ୍କ ବିକାଶ ପାଇଁ ଅଗ୍ରାଧିକାର ଉପରେ ଆଲୋଚନା କରିଥିଲେ। ସଭାରେ ବିଜେଡ଼ି ଦଳୀୟ ପ୍ରାର୍ଥୀ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗ ଦେଇ ନବୀନ ସରକାରଙ୍କ ଶକ୍ତି ହେଉଛି ମହିଳା ଏବଂ ମହିଳାଙ୍କ ଶକ୍ତି ହେଉଛନ୍ତି ନବୀନ ବୋଲି ମତବ୍ୟକ୍ତ କରିଥିଲେ। ମହିଳାମାନଙ୍କ ଆଶୀର୍ବାଦ ବଳରେ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରକାଶ କରିଛନ୍ତି।

# ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ




**କେଗାଁ, ୨।୫(ସମିସ):** ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ସେତିକି ପ୍ରଚାର ସରଗରମ ହେଉଛି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ନିର୍ବାଚନମଣ୍ଡଳୀ ଗୋଲାମୁଣ୍ଡା ବ୍ଲକ ଉଦେଶୁଙ୍ଗଠାରେ ଭାରତୀୟ ଜନତା ପାର୍ଟିର ଏକ ମିଶ୍ରଣ ପର୍ବ ବୁଧବାର ଆୟୋଜିତ ହୋଇଛି। କେନ୍ଦ୍ରୀୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୁପେନ୍ଦ୍ର ଯାଦବ ହେଲିକପ୍ଟର ଯୋଗେ ଆସି ବିଜେପି କର୍ମୀଙ୍କୁ ପ୍ରେରଣା ଦେଇଥିଲେ। ମନ୍ତ୍ରୀ ଭିପେନ୍ଦ୍ର ଯାଦବଙ୍କ ସହିତ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ସାଂସଦ ପ୍ରାର୍ଥୀନି ମାଳବିୟ ସିଂ ଦେଓ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲ୍ଲା ସମ୍ପାଦକ ସତ୍ୟରଞ୍ଜନ ବେହେରା, ଏନ୍‌ଏସ୍‌ସି ଜୁନାଗଡ଼ ଚେୟାରମ୍ୟାନ ମୁକେଶ ଅଗ୍ରୱାଲ, ପୂର୍ବତନ ସାଂସଦ ଅର୍କକେଶରି ସିଂ ଦେଓ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ନିରୁପମା ନାଏକ, ଗୋଲାମୁଣ୍ଡା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିନ୍ଧୁ ମହାନନ୍ଦ, ଅଜୟ ପାଣିଗ୍ରାହୀ, କାଞ୍ଚନ ବାଗ, ମଣ୍ଡଳ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, ଲଳିତ ପ୍ରଧାନ, ଲିଙ୍ଗ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମନାଭ ବେହେରାଙ୍କ ନାମାଙ୍କନ ପତ୍ର ଦାଖଲ

**ବୀରମହାରାଜପୁର, ୨।୫(ସମିସ):** ବିଜୁ ଜନତା ଦଳ ପ୍ରାର୍ଥୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଗୁରୁବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୀରମହାରାଜପୁର ଚମ୍ପାମାଳ ପଞ୍ଚାୟତର ଝାରକୁମୁଣ୍ଡା ଛକଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି ବସଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ବୀରମହାରାଜପୁର ମୁଖ୍ୟ ଛକ ଦେଇ ବୀରମହାରାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲ୍ଲା ଉପ ସଭାପତି ରଞ୍ଜିତ ରଥ, କିଶୋର ହୋତା, ବୀରମହାରାଜପୁର ବ୍ଲକ ସଭାପତି ଶୟମ୍ଭୁନାଥ ଖଣ୍ଡଗିରି, ବିନିକା ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ, ନଗର ସଭାପତି ସୋମନାଥ ମିଶ୍ର, ଉଲୁଣ୍ଡା ବ୍ଲକ ଅଧକ୍ଷ ଶାନ୍ତିଲତା ମିଶ୍ର, ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସତ୍ୟଞ୍ଜୀବ ମିଶ୍ର, ଉତ୍ତର ପାତ୍ର, କୃତିବାସ ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ବଶିଷ୍ଠ ଭରାସାଗର, ବିଜୟ ଲକ୍ଷ୍ମୀ ତରାଇ, ବିନିକା ନଗରପାଳ ସୁବାସ ଭୋଇ, ମନୋଜ ସାହୁ, ବିନୋବାନନ୍ଦ ପଧାନ, ମଧୁସୂଦନ ପଣ୍ଡା, ବୀରମହାରାଜପୁର ସରପଞ୍ଚ ସଙ୍ଘ ସଭାପତି ଶ୍ରୀୟା କର୍ମୀ, ଉଲୁଣ୍ଡା ବ୍ଲକ ସରପଞ୍ଚ ସଙ୍ଘ ସଭାପତି ଅଶୋକ ପଣ୍ଡା, ବିଜେଡି ନେତା ରାଜ ଗୋପାଳ ପାଣିଗ୍ରାହୀ, ରଘୁବୀର ପାଣିଗ୍ରାହୀ, ନିତ୍ୟାନନ୍ଦ ସାହୁ, ପ୍ରଦୀପ ମିଶ୍ର, ସଞ୍ଜୀବ ଦେହୁରୀ, ପର୍ଶୁରାମ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।



# ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାରରେ ଶ୍ରମିକ ଦିବସ

**ଦେଓଗାଁ, ୨।୫(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଆର୍ନ୍ତଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଙ୍ଗିତ ଗୁରୁ ଶିବ ପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ବିନୟ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଜାତୀୟ ଆଇନ ସେବା ପ୍ରଚାର ସ୍ୱେଚ୍ଛାସେବୀ ସଂସ୍ଥାର ପିୟୁଷ ନନ୍ଦ, ଜିତୁ ମନହୀରା, ସମ୍ପାଦକ ଓ ପାଠାଗାରର ସମ୍ପାଦକ ଭୁବନେଶ୍ୱର ସାମଲ ପ୍ରମୁଖ ଯୋଗଦେଇଥିଲେ। ଶ୍ରମିକମାନଙ୍କ ପାଇଁ ରହିଥିବା ଆଇନ ବିଷୟରେ ମୁଖ୍ୟଅତିଥି ସଚେତନକରିଥିଲେ। ସେପରି ବଲାଙ୍ଗିର ଜିଲ୍ଲା ଏକ ଶ୍ରମ ପ୍ରବଣ ଜିଲ୍ଲା ଭାବେ ସମଗ୍ର ରାଜ୍ୟରେ ପରିଚିତ ଏଣୁ ବାହାର ରାଜ୍ୟକୁ ଶ୍ରମ କରି ଯାଉଥିବା ଶ୍ରମିକ ପରିବାରଙ୍କ ଠିକ୍ ଭାବେ ପଞ୍ଜୀକରଣ ଓ ପ୍ରଶାସନିକ ସୁବିଧା କେମିତି ପହଞ୍ଚ ପାରିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ନିତାନ୍ତ ଜରୁରୀ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପରିଶେଷରେ ଶିଶୁ ସେବା ସଂସ୍ଥାର ଅଧିକ୍ଷକ ସୁରେଶ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ। ସାନନ୍ଦ ଷଡ଼ଙ୍ଗୀ, ରାମନାଥ ସାଏ, ଠାକୁର ଭୋଇ, ପ୍ରତ୍ୟୁଷ ସାହୁ, ବୈଶାଖୁ ପଧାନ, ନିବେଦିତା ସାମଲ, ବିରାଟ ସାମଲ, ସାନନ୍ଦ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ବାଉଁଶୁଣିରେ ରାବଣ ବଧ ନାଟକ ମଞ୍ଚସ୍ଥ

**ବାଉଁଶୁଣି, ୧।୫(ସମିସ):** ବୌଦ୍ଧ ଜିଲ୍ଲା ବାଉଁଶୁଣିରେ ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ବାଉଁଶୁଣି (ଛକ)ରେ ୧୪ ଦିନ ଧରି ଚାଲିଥିବା ରାମଲୀଳା ଉତ୍ସବର ଶେଷରେ ରାବଣ ବଦ୍ଧ ନାଟକ ମଞ୍ଚସ୍ଥ ସହ ରାବଣ ପୋଡ଼ି ଓ ରାମ ରାବଣ ସହର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ଦ୍ୱାରା ପ୍ରତିବର୍ଷ ଶ୍ରୀରାମ ଲୀଳା ପର୍ବକୁ ୧୪ ଦିନ ପର୍ଯ୍ୟନ୍ତ ମହାଆଡମ୍ବରରେ ନାଟକ ମାଧ୍ୟମରେ ପାଳିତ ହୋଇ ଆସୁଛି। ତେବେ ରାବଣ ଭୂମିକାରେ ଗୋପାଳ ମେହେର, ରାମ ଭୂମିକାରେ ଛବିଳ ମେହେର, ଲକ୍ଷ୍ମଣ ଭୂମିକାରେ ଭକ୍ତରାମ ମେହେର, ହନୁମାନ ଭୂମିକାରେ ହଳଧର ଦନାୟକ, ବିଭୀଷଣ ଭୂମିକାରେ ସଞ୍ଜୟ ମେହେର, ଇନ୍ଦ୍ର ଭୂମିକାରେ ହୃଷୀକେଶ ମେହେର, ମାଳତୀ ଭୂମିକାରେ ପିତାମ୍ବର ମେହେର ପ୍ରମୁଖ ଅଭିନୟ କରିଥିଲେ।



# ‘ସ୍ମାରକୀ ନାଟ୍ୟ ସଂସ୍ଥା’ ପକ୍ଷରୁ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ

**ଭବାନୀପାଟଣା, ୨।୫(ସମିସ):** କଳାହାଣ୍ଡିର ‘ସ୍ମାରକୀ ନାଟ୍ୟ ସଂସ୍ଥା’ ପକ୍ଷରୁ ସ୍ଥାନୀୟ କଳାହାଣ୍ଡି ଲେଖକ କଳା ପରିଷଦ ଠାରେ ନାଟ୍ୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏହି ନାଟ୍ୟ କର୍ମଶାଳା ମେ’ ୧୧ ରେ ଉଦ୍‌ଯାପିତ ହେବ। ଏହି ୧୦ ଦିନିଆ କର୍ମଶାଳାରେ ନାଟକ କ୍ଷେତ୍ରରେ ଅଭିଜ୍ଞ ନାଟ୍ୟକର୍ମୀ, ନିର୍ଦ୍ଦେଶକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ପର୍ବରେ ଯୁବ ନିର୍ଦ୍ଦେଶକ ସୌରଭ ମହାପାତ୍ର ଯୋଗ ଦେଇଥିଲେ। କର୍ମଶାଳାରେ ଯୁବଶିଳ୍ପୀ ଆଲୋକ କୁମାର ସାହୁ, ଶିବଶକ୍ତି ପୁରୋହିତ, ଆର୍ଯ୍ୟା ନାୟକ, ପ୍ରିୟଙ୍କା ପଟ୍ଟନାୟକ, ଶାଳିନୀ ମହାପାତ୍ର, ଶ୍ରାବଣୀ ରଥ, ଦୀପ୍ତିମୟୀ ସିଂ, ଅଦିତୀ ନିଶିତା ମିଶ୍ର, ରୋଶନ ନାଏକ, ନମ୍ରତା ନାଏକ, ପ୍ରେମଲାଲ ନାଏକ, ଅବିନାଶ ଅଗସ୍ତି, କାଜଲ ମହାରଣା, ରାହସ ଆରିୟନ ପାତ୍ର, ଅନିଷ୍କା ଠାକୁର, ସୁଧିତୀ ଦାସ, ସୌରଭ ମହାପାତ୍ର ପ୍ରମୁଖ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।



# ମାଲ ଗାଁରେ ବିଜେଡି ମହିଳା ସମାବେଶ

**ଭବାନୀପାଟଣା, ୨।୫ (ସମିସ)**

ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତଥା ସଦର ବ୍ଲକର ମାଲ ଗାଁ ଠାରେ ବିଜେଡିର ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଛି। ସଦର ବ୍ଲକ ପୂର୍ବତନ ଅଧକ୍ଷା ତଥା ଜିଲ୍ଲା ବିଜେଡି ମହିଳା ସାଧାରଣ ସମ୍ପାଦିକା ସରିତା ମହାଖୁଡ଼ଙ୍କ ନେତୃତ୍ୱରେ ୮ ମାଲ ଗାଁ ପଞ୍ଚାୟତର ୧୫ଟି ୱାର୍ଡରୁ ୧୦୦ରୁ ଊର୍ଦ୍ଧ୍ୱ ମହିଳା କର୍ମୀ ଯୋଗ ଦେଇଥିଲେ। ମହାଖୁଡଙ୍କ ନେତୃତ୍ୱରେ ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀର ସଦର ବ୍ଲକର ୩ ନମ୍ବର ଜିଲ୍ଲା ପରିଷଦ ଜୋନ୍‌ର ୮ ଗୋଟି ପଞ୍ଚାୟତର କର୍ମୀ ସମ୍ମିଳନୀ ନିରନ୍ତରେ ଭାବେ କରି ଆସୁଛନ୍ତି। ଆୟୋଜିତ ମହିଳା ସମ୍ମିଳନୀରେ ପୂର୍ବତନ ବ୍ଲକ ଉପାଧକ୍ଷ ତଥା ବିଜେଡି ରାଜ୍ୟ ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାଖୁଡ ଅତିଥି, ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପଲତା ନାୟକ, ବିଜେଡି ପଞ୍ଚାୟତ ସଭାପତି ଘାସିରାମ ରଣାଙ୍କ ସମେତ ବହୁ ବରିଷ୍ଠ ସଭ୍ୟମାନେ ଉପସ୍ଥିତ ଥିଲେ। ଶ୍ରୀ ମହାଖୁଡ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ର ଲୋକାଭିମୁଖୀ ଯୋଜନା ଓ ସଂଗଠନ ସମ୍ପର୍କରେ ଆଲୋଚନା କରି ନବୀନ ସରକାରଙ୍କ ହାତ ମୁଠାକୁ ମଜଭୁତ୍ କରିବାକୁ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀଙ୍କୁ ବହୁଳ ଭାବରେ ଶଙ୍ଖ ଚିହ୍ନରେ ଭୋଟ କରାଇବାରେ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ।



# ଚକଡ଼ା ପ୍ରାଦୁର୍ଭାବ ଯୋଗୁଁ ସଙ୍କଟରେ ଚାଷୀ

**ବରପାଲି, ୨।୫ (ସମିସ)**

ବରପାଲି ଅଞ୍ଚଳରେ ଏବେ ଚକଡ଼ା ପୋକର ପ୍ରାଦୁର୍ଭାବ ଦେଖା ଦେଇଥିବାରୁ ଚାଷୀକୂଳ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ବର୍ତ୍ତମାନ ଧାନ ଚାଷର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ହୋଇଥିବା ବେଳେ ଚକଡ଼ା ପୋକ ଧାନଚାଷକୁ ନଷ୍ଟ କରିବାରେ ଲାଗିଛନ୍ତି। ବହୁସ୍ଥାନରେ ଧାନଗଛ ଗୁଡିକ ଗର୍ଭଣି ଅବସ୍ଥାରେ ରହିଛି। କେତେକ ସ୍ଥାନରେ ଧାନକେଣ୍ଡା ବାହାରି କ୍ଷୀର ପିଇବା ଆରମ୍ଭ କଲାଣି। ଏହିପରି ସମ୍ବେଦନଶୀଳ ସମୟରେ ଚକଡ଼ା ପୋକର ଦାଉ ଆରମ୍ଭ ହୋଇ ଅଞ୍ଚଳର ହଜାର ହଜାର ଏକର ଚାଷଜମିକୁ ପ୍ରଭାବିତ କରିସାରିଲାଣି। ପୂର୍ବରୁ ଚାଷୀ ପୋକ ଦାଉରୁ ରକ୍ଷାପାଇବା ଆଶାରେ ବଜାରରୁ ବିଭିନ୍ନ କୀଟନାଶକ ଔଷଧ କିଣି ତାକୁ ବ୍ୟବହାର କରି ନିରାଶ ହୋଇ ସାରିଛି। ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀର କୀଟନାଶକ ଔଷଧ ମାନ କୌଣସି କାମରେ ଆସୁନଥିବା ଜଣାପଡ଼ିଛି। ଚାଷୀ ମାନେ କୃଷି ବିଭାଗୀୟ କର୍ମଚାରୀଙ୍କ ନିକଟରୁ ପାଇଥିବା ପରାମର୍ଶ ଅନୁଯାୟୀ ଉଦ୍ୟମ କରିଥିଲେ ମଧ ଚକଡ଼ା ଦାଉରୁ ଧାନକୁ ସୁରକ୍ଷିତ ରଖିପାରୁ ନାହାନ୍ତି। ଚାଷୀ ବ୍ୟବହାର କରୁଥିବା ଔଷଧ ନକଲି ହୋଇଥିବା ଅଭିଯୋଗ ହେଉଥିବାରୁ ଏହାର ମାନ ପରୀକ୍ଷା କରାଯିବାକୁ ଦାବି ହୋଇଛି। ଏହି ପରିସ୍ଥିତ ଆଗକୁ ଆହୁରି ଭୟଙ୍କର ରୂପ ଧାରଣ କରିବ ବୋଲି ବହୁଚାଷୀ ଆଶଙ୍କା ପ୍ରକଟ କରିଛନ୍ତି। ସ୍ଥିତିର ମୁକାବିଲା କରିବାକୁ କୃଷି ବିଭାଗ ଓ ପ୍ରଶାସନ ସ୍ୱତନ୍ତ୍ର ଉଦ୍ୟମ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଅଞ୍ଚଳର କାଇଁଶିର, ବାରଙ୍ଗପାଲି, ପାଟକୁଲୁଣ୍ଡା, ସିକିର୍ଡି, ସତଲମା, ବିଶିପାଲି, ଖେମେଶରା, ଭଟିଗାଁ ସହ ବହୁ ପଞ୍ଚାୟତରେ ଏହି ପୋକର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି।



# ଖଇର କାଠ ଜବତ; ଅଭିଯୁକ୍ତ ଗିରଫ



**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ବନ ଖଣ୍ଡ ଫିରିଙ୍ଗିମାଲ ପଞ୍ଚାୟତ ରୋଡ଼ ନିକଟରେ ଏକ ପିକ୍‌ଅ୍ ସାହାଯ୍ୟରେ ଖଇର କାଠ ଗଣ୍ଡି ଚୋରା ଚାଲାଣ ହେଉଥିବା ଖବର ପାଇ ଭାରପ୍ରାପ୍ତ ରେଞ୍ଜର ସୁଦାମ ଜଗଦଲା ସହକର୍ମୀ ସହ ଚଢ଼ାଉ କରିଥିଲେ। ମହେନ୍ଦ୍ରା ପିକଅପ ଓଆର ୩ ସି ୬୧୩୧୦ ସେଥିରେ ଥିବା ୨ହଜାର କେଜି ଓଜନର ଖଇର ଗଣ୍ଡି କୁ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା ଦମକିପାଲି ଗ୍ରାମର ସୁବାଷ ସେଠକୁ ଗିରଫ କରି କୋର୍ଟ ଚଲାଣ କରାଯାଇଛି। ଏହି ଚଢାଉରେ ରେଞ୍ଜର ଶ୍ରୀ ଜଗଦଲା ସମେତ ଦିବାକର ପ୍ରଧାନ, କୃଷ୍ଣ ବଡ଼ଗୁଛିଆ, କେଶରଞ୍ଜନ ବୁଢ଼େକ, ମନ ଠେଟୁଆ, ସୁଧାଂଶୁ ଶେଖର ଭୈସା ପ୍ରମୁଖ ବନ କର୍ମଚାରୀ ସାମିଲ ଥିଲେ।

# ପାଇକମାଲ ବ୍ଲକର ବିଭିନ୍ନ ପଞ୍ଚାୟତରେ ବର୍ଷା ସିଂବରିହାଙ୍କ ପ୍ରଚାର



**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ବିଜେଡି ପକ୍ଷରୁ ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂବରିହା ପାଇକମାଲ ବ୍ଲକ ଅନ୍ତର୍ଗତ ଚର୍ଦାପାଲି, ଗଣ୍ଡିଡିହି, ଲହଣ୍ଡି ପୁର, ଗଣ୍ଡିଚାଡିହ, ସରେଇକେଲା ଓ ଧୂମାଭଟା ଗ୍ରାମରେ ନିର୍ବାଚନୀ ସଭା କରିଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିକାଶ ମୂଳକ କାମ ଓ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏଥିରେ ଓଡ଼ିଶା ମୋ ପରିବାର ସଂଯୋଜକ ଗୌରହରି ମିଶ୍ର, ପାଇକମାଲ ବ୍ଲକ ସଭାପତି ରାଜେନ୍ଦ୍ର ରାଉତ, ବରିଷ୍ଠ ନେତା ହୃଦାନନ୍ଦ ବାରିକ ଓ ଦଳୀୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ବହୁ ବିଜେପି ନେତା

**ବରଗଡ଼, ୨।୫(ସମିସ):** ବରଗଡ଼ ୱାର୍ଡ ନ ୧୦ ରେ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବିଧାୟକ ଦେବେଶ ଆଚାର୍ଯ୍ୟ, ପୌର ଅଧକ୍ଷା କଳ୍ପନା ମାଝୀ ସ୍ଥାନୀୟ କାଉନସିଲର ଉମା ଚରଣ ରାଉତ, ବରିଷ୍ଠ ନେତା ଲିପୁ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ବରିଷ୍ଠ ବିଜେପି ନେତା କିଶୋର ଚନ୍ଦ୍ର ଦାସ, ଅଗ୍ନି ଭୋଇ, ସୁକାନ୍ତ ମିଶ୍ର, ସନ୍ତୋଷ ପରିଡ଼ା, ଜିତେନ ଷଡଙ୍ଗୀ, ନିଲାକାର ଡାଙ୍ଗ, ସତ୍ୟ ପୋଢ଼, ଆଶିଷ ମିଶ୍ର, ନୀତେଶ ଯାଦବ, ଜିତେନ୍ଦ୍ର ପଣ୍ଡା, ଗୋବିନ୍ଦ ଦାସ, ପ୍ରବୀଣ ଯୁଏଡ, ମଙ୍ଗଳ ପୋଢ଼, ସମୀର ପୂଜାରୀ, ଦେବାର୍ଚ୍ଚନ ପୋଢ଼, ମୋହନ ଦାସ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ବିଜେଡିରେ ଯୋଗ ଦେଇଥିଲେ।



# ୧୪ କେଜି ଗଞ୍ଜେଇ ଜବତ; ୨ ଗିରଫ



**ବରଗଡ଼, ୨।୫(ସମିସ) :** ବରଗଡ଼ ରେଲୱେ ଷ୍ଟେସନ ରାସ୍ତାରେ ୧୪ କେଜି ଗଞ୍ଜେଇ ସହ ୨ ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ମଧ୍ୟରେ ବିହାର ମଝାଉଲିର ଅମୋଦ ପ୍ରସାଦ ଏବଂ ଉତ୍ତର ପ୍ରଦେଶର ୟାସ୍ମିନ କୁମାରୀ ବୋଲି ପୁଲିସ ସୂଚନା ଦେଇଛି। ସେମାନେ ଧରିଥିବା ବ୍ୟାଗରେ ଗଞ୍ଜେଇ ଥିବା ବେଳେ ପୁଲିସ ଜବତ କରିଛି। ଜବତ ଗଞ୍ଜେଇ ବୌଦ୍ଧରୁ ମଧ୍ୟପ୍ରଦେଶ ଚାଲାଣ ହେଉଥିବା ଜଣାପଡ଼ିଛି। ଏ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ଏହି ଚଢ଼ାଉରେ ଟାଉନ ଥାନା ଅଧିକାରୀ ସତ୍ୟଜିତ କାଣ୍ଡେଲକେଲ, ଏସ୍‌ଆଇ ସୁଶାନ୍ତ ସାହୁ, ପ୍ରତିମା ଡୁଙ୍ଗଡୁଙ୍ଗ, ଏଏସଆଇ ରଶ୍ମୀରଞ୍ଜନ ହୋତା ପ୍ରମୁଖ ସାମିଲ ଥିଲେ।

# ମାଁ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ପରେ ରିତା ସାହୁଙ୍କ ପ୍ରଚାର



**ବରପାଲି, ୨।୫ (ସମିସ):** ବରପାଲି ବ୍ଲକ ରେମତା ମାଁ ରାମଚଣ୍ଡି ମନ୍ଦିରରେ ବୁଧବାର ରାତ୍ର ସମୟରେ ପୂଜାର୍ଚ୍ଚନା ସହ ଆଶୀର୍ବାଦ ଗ୍ରହଣ ସହ ପ୍ରଚାର କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ମନ୍ତ୍ରୀ ରିତା ସାହୁ। ବିଜେପୁର ନିର୍ବାଚନ ମଣ୍ଡଳୀ ବିଜେଡି ପ୍ରାର୍ଥିନୀ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ଶ୍ରୀମତୀ ସାହୁ ଦଳୀୟ ନେତା ଓ କର୍ମୀ ମାନଙ୍କ ଗହଣରେ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ପରେ ଗ୍ରାମର ଗଳିକନ୍ଦି ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ।

**ଆମ୍ ଆଦମୀ ପାର୍ଟିର ପ୍ରାର୍ଥିପତ୍ର ଦାଖଲ**

# ଆପର ୪ ପ୍ରାର୍ଥିଙ୍କ ନାମାଙ୍କନ ଦାଖଲ

**ବରଗଡ଼, ୨।୫(ସମିସ):** ବରଗଡ଼ ବିଧାନସଭା ଆସନ ପାଇଁ ଆମ ଆଦମୀ ପାର୍ଟି ତରଫରୁ ଡାକ୍ତର ଆଶୀଷ ଶତପଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୁଧବାର ଡାକ୍ତର ଶତପଥୀ ନିଜ ସମର୍ଥକଙ୍କ ସହ ବରଗଡ଼ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହି ଅବସରରେ ଆପ୍ ଶାସନକୁ ଆସିଲେ ୩୦୦ ୟୁନିଟ ବିଜୁଳି ମାଗଣା, ଓଡ଼ିଶାବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ମାଗଣାରେ ଯୋଗାଇ ଦେବା, ଚାଷୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ। ଆମ ଆଦମୀ ପାର୍ଟି ତରଫରୁ ଅତାବିରା ବିଧାନସଭା ପାଇଁ ଜୟକୃଷ୍ଣ ଛୁରିଆ ଏବଂ ଭଟଲି ବିଧାନସଭା ପାଇଁ ଶାହରୁଖ ଲୋଧିଆ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜିଲ୍ଲା ଆବାହକ ଭବାନୀ ପ୍ରସାଦ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ଥିଲେ।

# ପଦ୍ମପୁରରେ ଆମ ଆଦମୀ ପ୍ରାର୍ଥୀ ବାଲ୍ମୀକି ନାଏକଙ୍କ ନାମାଙ୍କନ ପତ୍ର ଦାଖଲ

**ପଦ୍ମପୁର, ୨।୫ (ସମିସ):** ଆମ ଆଦମୀ ପାର୍ଟି ପକ୍ଷରୁ ପଦ୍ମପୁର ବିଧାନସଭା ପ୍ରାର୍ଥୀ ଭାବେ ବାଲ୍ମୀକି ନାଏକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପଦ୍ମପୁରରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସ୍ଥାନୀୟ ଅଶୋକ ପଡ଼ିଆ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏକ ବିଶାଳ ଶୋଭାଯାତ୍ରାରେ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କ ସହ ରାଜ୍ୟ ଯୁବ ସମ୍ପାଦକ ପୌଲସ୍ତ୍ୟ ସାହା, ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଜିଲ୍ଲା ଆବାହକ ଭବାନୀ ସାହୁ, ଜିଲ୍ଲା ଯୁବ ସଭାପତି ଅଭିନାଶ ବାଗ, ଗୋଠୁ ଗୁଡା ପୂର୍ବତନ ସରପଞ୍ଚ ଚମ୍ପାବାଇ ନାଏକ, ସରପଞ୍ଚ ପ୍ରୀତମ ନାଏକ, ଝାରବନ୍ଧ ବ୍ଲକ ସଭାପତି ଭଗବାନ ବେହେରା, ପାଇକମାଲ ବ୍ଲକ ସଭାପତି ଲମ୍ବୋଦର ସାହୁ, ଉପ ସଭାପତି ହାରାଧାନ ବରିହା ପ୍ରମୁଖ ଉପସ୍ଥିତ ଥିଲେ।



# ବରପାଲି ମହାବିଦ୍ୟାଳୟରେ ଉଦ୍ୟମିତା ସମ୍ପର୍କିତ ପାଠଚକ୍ର

**ବରପାଲି, ୨।୫ (ସମିସ):** ବରପାଲି ମହାବିଦ୍ୟାଳୟ ପରିସରରେ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ ଅହମଦାବାଦ, ଗୁଜରାଟ ଓ ମହାବିଦ୍ୟାଳୟ ମିଳିତ ଉଦ୍ୟମରେ ଉଦ୍ୟମିତା ସମ୍ପର୍କିତ ଏକ ଆଲୋଚନା ପାଠଚକ୍ର ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସୁଶୀଲ କୁମାର ଶତପଥିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ବରଗଡ଼ ଇମ୍ପେରିଆଲ କଲେଜର ନିର୍ଦ୍ଦେଶକ ଦୀପକ ଗୋୟଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ, ଗୁଜୁରାଟର ପ୍ରାଧାପକ ବିଷ୍ଣୁପ୍ରସାଦ ପଣ୍ଡା ଯୋଗ ଦେଇ ଉଦ୍ୟମିତା କିପରି ସଫଳତାର ମାପକାଠି ଏବଂ ତାହାର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। କ୍ୟାରିୟର କାଉନସେଲିଂ ସେଲ ସଂଯୋଜକ ଅଧାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଅଧାପକ ଧିରୋଜ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ପ୍ରହ୍ଲାଦ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ଲେରଗାଁରେ ଶିବ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ

**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ଉପଖଣ୍ଡ କୁମୀର ଗ୍ରାମ ପଞ୍ଚାୟତ ଲେରଗାଁ ଠାରେ ନବ ନିର୍ମିତ ଶିବ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଷୋହଳ ପ୍ରହର ନାମ ସଂକୀର୍ତ୍ତନ ହୋଇଥିଲା। କୁମୀର, ଲେରଗାଁ, ଅଡାପାଣି, ବଡ଼ଅନକୀ, ଡୁର୍ଲା ସଂକୀର୍ତ୍ତନ୍ୟ ମଣ୍ଡଳୀ ଯୋଗଦାନ କରିଥିଲେ। ମନ୍ଦିର ପ୍ରତିଷ୍ଠା ପୂଜାରେ ଆନନ୍ଦ, ଚମ୍ପାବତୀ, ବଳଦେବ, ଇତିଶ୍ରୀ, ଧନେଶ୍ୱର, ରାଜେଶ୍ୱରୀ, ଯୁଧିଷ୍ଠୀର, ବେଦମତି, ସୀତାକାନ୍ତ କଳ୍ପନା, ଟିକେଶ୍ୱର, ରୁବିକାନ୍ତି, କ୍ଷୀରସିନ୍ଧୁ, ଲୋଚନା, ଶିଶୁପାଳ, ତାରାବତୀ, ପବିତ୍ର, ତପସ୍ୱିନୀ ପୂଜାର୍ଚ୍ଚନା କରିଥିଲେ। କଳସ ଯାତ୍ରା, ଅଧିବାସ, ନାମଯଜ୍ଞ ଆରମ୍ଭ, ଧାନ୍ୟାଭିଷେକ, ମହାଦେବ ମନ୍ଦିର ପ୍ରବେଶ କରାଯାଇଥିଲା। ପଣ୍ଡିତ ପିତାମ୍ବର ହୋତା, ବୃନ୍ଦାଧୀନ ଦାସ, ଅଜୟ ତ୍ରିପାଠୀ, ଦିଲ୍ଲୀପ ପୂଜାରୀ, ଡ଼ମ୍ବରୁଧର ନେଗୀ, ଦେବେନ୍ଦ୍ର ନେଗୀ ପୂଜା ହୋମ କରିଥିଲେ। ଲେରଗାଁ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇ ଥିଲା।

**ଭେଡେନ ପଞ୍ଚାୟତ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ମାନସ ଇଲେଭେନ ବିଜୟୀ

**ଭେଡେନ, ୨।୫(ସମିସ):** ଭେଡେନ ରଞ୍ଜିତା ଖେଳ ପଡ଼ିଆରେ ଚାଲିଥିବା ଭେଡେନ ପଞ୍ଚାୟତ ଲିଗ କ୍ରିକେଟ ମ୍ୟାଚରେ ମାନସ ଇଲେଭେନ ଓ ରୋୟଲ ଷ୍ଟ୍ରିକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମାନସ ଇଲେଭେନ ଟସ ଜିତି ନିର୍ଦ୍ଧାରିତ ୧୨ ଓଭରେ ୫ଉଇକେଟ ହରାଇ ୧୩୧ରନ ସଂଗ୍ରହ କରିଥିଲା ଏହାର ଜବାବରେ ରୋୟଲ ଷ୍ଟ୍ରିକର ୧୨ ଓଭରରେ ୩ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଫଳରେ ମାନସ ଇଲେଭେନ ୮ ରନରେ ବିଜୟୀ ହୋଇଥିଲା। ମାନସ ଇଲେଭେନର ଏମ.ରାଜୁ ୩୯ବଲରେ ୬୯ରନ କରି ମ୍ୟାନ ଅପ ଦ ମ୍ୟାଚ ବିବେଚିତ ହୋଇ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅନୁଷ୍ଠିତ ଖେଳକୁ ସୁରଜ ସାହୁ ଓ ରାହୁଲ ମଲ୍ଲିକ ପରିଚାଳନା କରିଥିବାବେଳେ ସ୍କୋରର ଭାବରେ ହରିହର ମେହେର ଓ ଅଧିର ମେହେର ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠିତ ମ୍ୟାଚରେ ଅତିଥିଭାବରେ ମାନସ ରଞ୍ଜନ ରଥ ଯୋଗଦାନ କରିଥିଲେ।



# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ପଦ୍ମପୁର, ୨।୫ (ସମିସ):** ପଦ୍ମପୁର ବ୍ଲକ ମହୁଲପାଲି ଗ୍ରାମର କୀର୍ତ୍ତନ ରଣା(୬୪) ଙ୍କ ବିୟୋଗ ହୋଇଯାଇଛି। ସେ ପଦ୍ମପୁର ଗ୍ରାମୀଣ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଜଣେ ଅବସର ପ୍ରାପ୍ତ କର୍ମଚାରୀ ଥିଲେ। ତାଙ୍କ ପୁଅ ଗୋବର୍ଦ୍ଧନ, ଡିଲେଶ୍ୱର, ସେବକ, ଧର୍ମପତ୍ନୀ ଯଶୋଦା, ପୁତ୍ରବଧୂ, ନାତି ନାତୁଣୀ ଶେଷ ସମୟରେ ଉପସ୍ଥିତ ଥିଲେ। ବଡ଼ପୁଅ ଗୋବର୍ଦ୍ଧନ ମୁଖାଗ୍ନି ଦେଇଥିଲେ।



# ବରଗଡ଼ ଲୋକସଭା ଆସନ ପାଇଁ ବିଏସ୍‌ପିରୁ ୩ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ବରଗଡ଼, ୨।୫(ସମିସ)**

ବରଗଡ଼ ଲୋକସଭା ଆସନ ପାଇଁ ଗୋଟିଏ ଦଳରୁ ୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୨୯ ତାରିଖରେ ବହୁଜନ ସମାଜ ପାର୍ଟି ତରଫରୁ ବରଗଡ଼ ଲୋକସଭା ଆସନ ପାଇଁ ଟଙ୍କଧର କଣ୍ଟା ଦଳବଳ ଓ ସମର୍ଥକମାନଙ୍କ ସହିତ ଆସି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନୁରୂପ ଭାବେ ବୁଧବାର ବହୁଜନ ସମାଜ ପାର୍ଟିର ଦୁଇଜଣ ପ୍ରାର୍ଥୀ ଜୟରାମ ବାଗ ଓ କୌଶିକ ସୁନା ଭିନ୍ନ ଭିନ୍ନ ସମୟରେ ଆସି ଏହି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପ୍ରତ୍ୟେକ ରାଜନୈତିକ ଦଳରୁ ମନୋନୀତ ଜଣେ ଲେଖାଏଁ ପ୍ରାର୍ଥୀ ୩/୪ ସେଟ ଲେଖାଏଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ବିଏସପିରୁ ଦୁଇ ଦିନରେ ୩ ଜଣ ପ୍ରାର୍ଥୀ ଗୋଟିଏ ଆସନରେ ଏକାଧିକ ସେଟ ନାମାଙ୍କନ ଦାଖଲ କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ୧୧ ଏପ୍ରିଲରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘର ପ୍ରେକ୍ଷାଳୟରେ ବିଏସପି ପକ୍ଷରୁ ହୋଇଥିବା ବୈଠକରେ ବରଗଡ଼ ଲୋକସଭା ସମେତ ୫ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଥିଲା। ବରଗଡ଼ ଲୋକସଭା ଆସନରୁ ରାଜ୍ୟ ସଭାପତି ଟଙ୍କଧର କଣ୍ଟାଙ୍କୁ ଦଳ ମନୋନୀତ କରିଥିବା ବେଳେ ପଦ୍ମପୁର ବିଧାନସଭା ଆସନରୁ ରୂପଧର କୁମ୍ଭାର, ବିଜେପୁର ଆସନରୁ ମିଳନ ମହନ୍ତମ, ବରଗଡ଼ ଆସନରୁ ଦେବ କୁମାର କୁମ୍ଭାର, ଅତାବିରା ଆସନରୁ ଜୟଶଙ୍କର ସିହ୍ନା ଓ ଭଟଲି ବିଧାନସଭା ଆସନରୁ ନାରାୟଣ ଭେସ୍ରା ବିଏସପି ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦୀତା କରିବେ ବୋଲି ଜିଲ୍ଲା ପ୍ରଭାରୀ ଓ ସଭାପତି ଏଡଭୋକେଟ ଜୟରାମ ବାଘ ଏକ ପ୍ରେସବୃତ୍ତି ଜରିଆରେ ସ୍ୱଷ୍ଟ କରିଥିଲେ। ସେହିକ୍ରମରେ ମନୋନୀତ ସଦସ୍ୟମାନେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଲୋକସଭା ପାଇଁ ୩ ଜଣ ନାମାଙ୍କନପତ୍ର ଦାଖଲ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ନେଇ ରିଟର୍ଣ୍ଣିଂ ଅଧିକାରୀଙ୍କୁ ପଚାରିବା ପରେ ଯିଏ ଦଳୀୟ ଟିକେଟ ଉପସ୍ଥାପନ କରିପାରିବ ତାର ପ୍ରାର୍ଥୀତ୍ୱ କାଏମ ରହିବ ବୋଲି ସ୍ୱଷ୍ଟ କରିବା ପରେ ବିଏସପିରୁ କାହାର ଟିକେଟ ରହୁଛି, କାହାର କଟୁଛି ପ୍ରାର୍ଥୀପତ୍ର ଯାଞ୍ଚ ପରେ ସ୍ୱଷ୍ଟ ହେବ।

# ଯୌତୁକ ପାଇଁ ବଧୂ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

**ଝାରସୁଗୁଡ଼ା, ୨।୫(ସମିସ):** ବଡ଼ମାଲ ଥାନା ଅଧୀନ ଏକ କମ୍ପାନୀର କଲୋନୀରେ ଯୌତୁକ ପାଇଁ ବଧୂହତ୍ୟା ହୋଇଥିବା ଝିଅର ବାପା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତକ ଜଣକ ଯାଯପୁର ଜିଲ୍ଲା ବରି ଅଞ୍ଚଳର ଅରୁଆଳ ଗ୍ରାମର ପ୍ରକାଶ କୁମାର ପରିଡ଼ାଙ୍କ ଝିଅ ଲୋପିତ ପରିଡ଼ା (୨୫)। ଲୋପିତା ଯାଯପୁରର ରାମଚନ୍ଦ୍ରପୁର ଅଞ୍ଚଳର ଦେବୀ ପ୍ରସାଦ ମିଶ୍ରଙ୍କ ପୁଅ ସହିତ ୨୦୧୭ ଜୁଲାଇ ୨ରେ ବିବାହ କରିଥିଲେ। ଦେବୀ ପ୍ରସାଦ ମିଶ୍ର ଝାରସୁଗୁଡ଼ା ବଡ଼ମାଲ ଅଞ୍ଚଳର ଏକ ଘରୋଇ କାରଖାନାରେ କାମ କରୁଥିବାରୁ ପରିବାର ସହିତ ଝାରସୁଗୁଡ଼ାରେ ରହୁଥିଲେ। ୪ ଲକ୍ଷ ଟଙ୍କା ନଗଦ ୧୦ ଭରି ସୁନା ଯୌତୁକ ଦାବି କରିଥିଲେ।। ବହୁ କଷ୍ଟରେ ପ୍ରକାଶ କୁମାର ପରିଡ଼ା ୩ ଲକ୍ଷ ଟଙ୍କା ଓ ୫ ଭରି ସୁନା ପ୍ରଦାନ କରିଥିଲେ। ଏତିକିରେ ଲୋପିତାର ଶାଶୂ ଘର ଲୋକେ ରାଜି ହୋଇ ନଥିଲେ। ଲୋପିତାକୁ ମାର୍‌ପିଟ କରି ଆସୁଥିଲେ। ଏହାକୁ ନେଇ ଅନେକ ଥର ଦୁଇ ପରିବାର ମଧ୍ୟରେ ବୁଝାମଣା ହୋଇଛି। ଗତ ୨୩ ଏପ୍ରିଲରେ ଲୋପିତାକୁ ମାଡ଼ମାରି ଘରୁବାହାର କରିଦେଇଥିଲେ। ଲୋପିତ ନିଜର ଶିଶୁ ପୁତ୍ରକୁ ନେଇ ଯାଯପୁରରେ ପହଞ୍ଚିଥିଲେ। ପୁଣି ଝିଅକୁ ବୁଝାସୁଝାକରି ପ୍ରକାଶ ପରିଡ଼ା ଝାରସୁଗୁଡ଼ାରେ ଛାଡ଼ିଯାଇଥିଲେ। ଗତ ୩୦ ତାରିଖ ବିଳମ୍ବିତ ରାତିରେ ଲୋପିତାକୁ ମାରି ଘରେ ଟାଙ୍ଗୀ ଦେଇଥିବା ମୃତକ ଲୋପିତାର ବାପା ବଡ଼ମାଲ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାରକରି ପୁଲିସ ମୃତକ ଲୋପିତାର ସ୍ୱାମୀ ଦେବୀ ପ୍ରସାସ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନାମାଙ୍କନ ଦାଖଲ କଲେ ଅଲକା ମହାନ୍ତି

ଝାରସୁଗୁଡ଼ା, ୨।୫(ସମିସ)

ବ୍ରଜରାଜନଗର ବିଜୁ ଜନତା ଦଳର ପ୍ରାର୍ଥୀନି ଅଲକା ମହାନ୍ତି ଆଜି ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ତାଙ୍କର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ହୋଇଥିବା ଶୋଭାଯାତ୍ରାରେ ଜନସମୁଦ୍ର ଦେଖିବାକୁ ମିଳିଥିଲା। ଆଜି ରିଟର୍ଣ୍ଣି ଅଧିକାରୀ

## ଶୋଭାଯାତ୍ରାରେ ଜନ ସମୁଦ୍ର





ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁଙ୍କ ନିକଟରେ ଅଲକା ମହାନ୍ତି ନିଜ ୩ଟି ସେଟ୍ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅଲକାଙ୍କ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ଶ୍ୟାମ ସୁନ୍ଦର ଶତପଥୀ, ସନତ ସିଂ ଓ ରାଧାକାନ୍ତ ପ୍ରଧାନ ସ୍ୱାକ୍ଷର କରିଥିଲେ। ଝାରସୁଗୁଡ଼ା ବେହେରାମାଲ କିଶାନ ଛକଠାରୁ ପ୍ରାୟ ୫ ହଜାରରୁ ଅଧିକ ଜନ ସମର୍ଥନରେ ଏକ ବିଶାଳ ନାମାଙ୍କନ ଶୋଭାଯାତ୍ରା ବାହାର କରି ରିଟର୍ଣ୍ଣି ଅଧିକାରୀ ଅତିରିକ୍ତ ଜିଲାପାଳଙ୍କ ନିକଟରେ ପହଞ୍ଚିଥିଲେ। ବିଜେଡିର ଜିଲ୍ଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡ଼ିଆ, ବ୍ରଜରାଜନଗର ବିଜେଡି ନିର୍ବାଚନ ସଂଯୋଜକ ହରେକୃଷ୍ଣ ଷଡ଼ଙ୍ଗୀ, ବିଜେଡିର ବରିଷ୍ଠ କର୍ମକର୍ତ୍ତାଙ୍କ ମଧ୍ୟରେ ଅକ୍ଷୟ ସାହୁ, ପୁଷ୍ପଲତା ସେଠ, ହୁତେଶ୍ୱରୀ ତିହିରିଆ, ଯାଜ୍ଞସିନୀ ଓରାମ, ରୀନା ସୁନା, ରଘୁମଣି ପଧାନ, ନନ୍ଦ କିଶୋର ଅଗ୍ରୱାଲ, ମହେନ୍ଦ୍ର ନାଏକ, ତାପସ ରାଏ ଚୌଧୁରୀ, ତ୍ରିନାଥ ଗୁଆଲ, ଟିକେଶ୍ୱର ସେନାପତି, ଗୋପୀନାଥ ସାଏ, ପର୍ଶୁରାମ ସାହୁ, ଗୌତମ ପଧାନ, ରବିରତ୍ନ ପଧାନ, ଦୀନେଶ କରାଲୀ, ଅର୍ଜିନା ବେଗମ୍, ଚିନ୍ତାମଣି ସାହୁ, କିଶୋର ଦାଶ, ମିକି ନାଏକ ପ୍ରମୁଖ ସାମିଲ ରହିଥିଲେ।

## ଧରାପଡିଲା ଧର୍ମେନ୍ଦ୍ରଙ୍କ ମିଛ

**ଝାରସୁଗୁଡ଼ା, ୨।୫(ସମିସ):** ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଟୁଇଟ୍‌କୁ ନେଇ ଝାରସୁଗୁଡ଼ା ଜିଲ୍ଲାର ଆଦିବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଟୁଇଟରେ ଲେଖିଛନ୍ତି ଯେ ଅଖିଳ ଭାରତୀୟ ଗୋଣ୍ଡୱାନା ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ବିଜେପିରେ ଯୋଗଦାନ ଦେଇଛନ୍ତି। ଏହାକୁ ମହେନ୍ଦ୍ର ନାଏକ ବିରୋଧ କରିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ବାହାସ୍ଫୋଟ ମାରୁଛନ୍ତି। ଏହା ମିଛ ଓ ତାଙ୍କର ମନଗଢ଼ା କଥା। ମୁଁ କେବେ ତାଙ୍କ ପାଖକୁ ଯାଇନାହିଁ କି ବିଜେପିରେ ଯୋଗଦାନ କରିନାହିଁ।



## ଦୋକାନରୁ ଚୋରି, ୨ ଗିରଫ

**ଝାରସୁଗୁଡ଼ା, ୨।୫(ସମିସ):** ଝାରସୁଗୁଡ଼ା ଟାଉନଥାନା ଅଧୀନ ସରବାହାଲ ଠାରେ ଥିବା ପିଟରଇଂଲଣ୍ଡ ସୋରୁମରୁ ଚୋରି ହୋଇଥିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ଗତ ୨୭ ତାରିଖରେ ସରବାହାଲସ୍ଥିତ ପିଟର ଇଂଲଣ୍ଡ ସୋରୁମକୁ ପଶି ଚୋରମାନେ ୩୦ ହଜାର ଟଙ୍କାର ମୂଲ୍ୟର କପଡ଼ା ସାମଗ୍ରୀ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୁଲିସ ଝାରସୁଗୁଡ଼ା ଗୋଶାଳା ଫାଟକ ଅଞ୍ଚଳର ନରେନ୍ଦ୍ର ଶୌଲଙ୍କୁ ଗିରଫ କରିବା ସହିତ ଜଣେ ନାବାଳକକୁ ମଧ୍ୟ ଗିରଫ କରି ସିଡବ୍ଲ୍ୟୁସିରେ ଉପସ୍ଥାପନ କରିଛି।

## ବଡ଼ମାଲ ପୁଲିସ ପକ୍ଷରୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

**ଝାରସୁଗୁଡ଼ା, ୨।୫(ସମିସ):** ବୁଧବାର ରାତିରେ ବଡ଼ମାଲ ପୁଲିସ ପକ୍ଷରୁ ତୁମ୍ବେକେଲା ବସ୍‌ଷ୍ଟାଣ୍ଡ ଠାରେ ବିଭିନ୍ନ ଯାନବାହାନ ଯାଞ୍ଚ କରୁଥିବା ସମୟରେ ୨ ବ୍ୟକ୍ତିଙ୍କ ଠାରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରାଯାଇଥିଲା। ବଡ଼ମାଲ ଥାନା ଅଧୀନ ତୁମ୍ବେକେଲା ବସ୍‌ଷ୍ଟାଣ୍ଡ ଠାରେ ପୁଲିସ ପକ୍ଷରୁ ବିଭିନ୍ନ ଯାନ ବାହାନ ଯାଞ୍ଚ କରୁଥିବା ସମୟରେ ସୁବ୍ରତ ବିଶ୍ୱାଳଙ୍କ ଠାରୁ ୫୫, ୪୪୦ଟଙ୍କା ଓ ରାଜୁ ଏସ୍‌କେଙ୍କ ଠାରୁ ୫୦, ୦୯୦ ମୋଟ ୧, ୦୫.୫୩୦ଟଙ୍କା ଜବତ କରି ଟଙ୍କା ଧରିଥିବା ଲୋକଙ୍କୁ ପଚରାଉଚୁରା କରୁଛି ବଡ଼ମାଲ ପୁଲିସ।

## ସରବାହାଲରେ ଜଳିଗଲା ୫ ଦୋକାନ

ଝାରସୁଗୁଡ଼ା, ୨।୫(ସମିସ): ସରବାହାଲଠାରେ ରାସ୍ତାକଡ଼ରେ ଥିବା କେତେକ ଦୋକାନ ଗୁଡ଼ିକରେ ନିଆଁ ଲାଗିଯାଇ ୫ରୁ ଅଧିକ ଦୋକାନ ଜଳିଯାଇଛି। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସରବାହାଲ ସ୍ଥିତ କେତେକ ରାସ୍ତାକଡ଼ର ଦୋକାନରେ ହଠାତ ନିଆଁ ଲାଗିଯାଇଥିଲା। ଦେଖି ଦେଖୁ ନିଆଁ ଭୟଙ୍କର ରୂପ ନେଇଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମହୁଲ ବୋଝେଇ ପିକ୍‌ଅପ୍ ଜବତ; ୩ ଗିରଫ

**ରିଆମାଳ, ୨।୫(ସମିସ):** ରିଆମାଳ ଥାନା ଓ କୁଣ୍ଢେଇଗୋଳା ପୁଲିସ ଏକ ମହୁଲ ବୋଝେଇ ପିକ୍‌ଅପ୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଏମାନେ ହେଲେ ଡ୍ରାଇଭର କରଲଗା ଗ୍ରାମର ରଞ୍ଜିତ ସାହୁ, ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ମଣ୍ଡୁଆ ଗ୍ରାମର ଚତୁର ସାହୁ (୪୨) ଓ ହରିବେରେଣି ଗ୍ରାମର ବାଘୁଲୁ ବେହେରା (୨୮)। ରିଆମାଳ ଥାନା ପୁଲିସ ଛତାବର ନିକଟରୁ ଏକ ମହୁଲ ବୋଝେଇ ଗାଡ଼ି ଜବତ କରିବା ସହ ଡ୍ରାଇଭର ରଞ୍ଜିତକୁ ଗିରଫ କରିଥିଲା। ଯାଞ୍ଚ ସମୟରେ ୩୨ ବସ୍ତା (୧୨ କୁଇଣ୍ଟାଲ ୧୨ କେଜି.) ମହୁଲ ଫୁଲ ଜବତ ହୋଇଥିଲା। ସେହିପରି କୁଣ୍ଢେଇଗୋଳା ଥାନା ପୁଲିସ୍ ପରା ପଞ୍ଚାୟତ ଜରାଛାଟ ଗ୍ରାମ ମା' ହିଙ୍ଗୁଳା ମନ୍ଦିର ନିକଟରୁ ଏକ ମହୁଲ ବୋଝେଇ ପିକଅପ୍ ଜବତ କରି ଚତୁର ଓ ବାଘୁଲୁକୁ ଗିରଫ କରିଥିଲା। ଚତୁର ଓ ବାଘୁଲୁ ପାଖରୁ ୭ କୁଇଣ୍ଟାଲ ୯୬ କେଜି ୮୦୦ ଗ୍ରାମ ମହୁଲ ଜବତ ହୋଇଛି।

## କଉଁଶିବାହାଲ ପଞ୍ଚାୟତରେ ପ୍ରଚାର

**ଦେବଗଡ଼, ୨।୫(ସମିସ):** ବାରକୋଟ ବ୍ଲକ କଉଁଶିବାହାଲ ପଞ୍ଚାୟତ ନୂଆଁଗୌଡ଼ସୁଗୁଡା ଗ୍ରାମରେ କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରସ୍ତୁତି ନେଇ କର୍ମୀ ସମ୍ମିଳନୀ ସହ ପ୍ରଚାର କରାଯାଇଛି। ଦେବଗଡ଼ ବିଧାନସଭା ଆସନ କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୀଷ୍ମ ନାୟକ, ସତ୍ୟାନନ୍ଦ ବେହେରା, ତରୁଣ କିଷାନ, ରୁପେଶ ଗୁରୁ, ଚମ୍ପକ ଗୁରୁ, ନବ ନାଏକ, ଅଲେଖ ନାଏକ, ଶ୍ରୀତମ ସାହୁ, ନାଥ କୃଷ୍ଣ ଜାଲ, ଦେବେନ୍ଦ୍ର ଗଡ଼ନାୟକ, ସୁମନ୍ତ କୁମାର ବେହେରା ଓ କ୍ଷୀରୋଦ ଦୀପ ପ୍ରମୁଖଙ୍କ ସହ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୨।୫(ସମିସ):** ବେଲପାହାଡ଼ ଥାନା ଅଧୀନ ଯୋରାବଗା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ଯୋରାବଗା ଗ୍ରାମର ହରିଶଙ୍କର କର୍ତ୍ତାଙ୍କ ପୁଅ ରାଜେଶ କର୍ତ୍ତା (୩୫) ବୋଲି ଜଣାପଡ଼ିଛି।

ରାଜେଶ ୧୩ ପୂର୍ବରୁ ସେହି ଯୋରାବଗା ଗ୍ରାମର ଜଣେ ଝିଅକୁ ପ୍ରେମ ବିବାହ କରିଥିଲେ। ଏହି କ୍ରମରେ ଉଭୟଙ୍କ ଏକ ଶିଶୁ ପୁତ୍ର ଲାଭ ହୋଇଥିଲା। ରାଜେଶଙ୍କ ପରିବାରରେ ବୁଢ଼ା ମାଆ, ବାପା, ପତ୍ନୀ ଓ ଏକ ପୁଅଙ୍କ ମଧ୍ୟରେ ବେଶ ହସ ଖୁସିରେ ଦିନ କଟୁଥିଲା। ତେବେ ଗତ କିଛି ମାସ ପୂର୍ବରୁ ହଠାତ୍ ତାଙ୍କ ପତ୍ନୀ ସେହି ଯୋରାବଗା ଗ୍ରାମର ଜଣେ ଯୁବକ ସାଥିରେ କୁଆଡ଼େ ପଳାଇ ଯାଇଥିଲେ। ଏହି କଥାକୁ ନେଇ ରାଜେଶ ଅନେକ ଚିନ୍ତିତ ରହୁଥିଲେ। ରାଜେଶ ଏମସିଏଲ୍ ଦ୍ୱାରା ନିୟୋଜିତ ଏକ ଠିକା କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ତାହା ମଧ୍ୟ ଗତ କିଛି ମାସ ପୂର୍ବରୁ ବନ୍ଦ ହୋଇଯାଇଥିଲା। ଗୋଟିଏ ପଟେ ପତ୍ନୀଙ୍କ ପ୍ରତାରଣା ଓ ଅନ୍ୟ ପଟରେ କାମ ଧାନ୍ଦାରୁ ବଞ୍ଚିତ ହୋଇ ରାଜେଶ ଆହୁରି ମାନସିକ ଭାରଗ୍ରସ୍ତ ଅବସ୍ଥାରେ ରହୁଥିଲେ। ଏହି କ୍ରମରେ ରାଜେଶ ଗତ ମଙ୍ଗଳବାର ରାତି ପ୍ରାୟ ୮ ଟାରେ ଗାଧୋଇବାକୁ ଯାଉଛି ବୋଲି ଘର ଲୋକଙ୍କୁ କହି ଘରୁ ବାହାରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରି ନ ଥିଲେ। ପରିବାରଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିବା ବେଳେ ରଜେଶଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ହେଲେ ବୁଧବାର ସକାଳେ ଯୋରାବଗା ନିକଟସ୍ଥ ଲିଲାରୀ ରାସ୍ତାରେ ଥିବା ଏକ ପରିତ୍ୟକ୍ତ ଦୋକାନରେ ଏକ ଗାମୁଛା ଯୋଗେ ବେକରେ ଫାସ ଲଗା ଥିବା ରଜେଶଙ୍କ ଝୁଲନ୍ତା ଶବକୁ ସ୍ଥାନୀୟଲୋକ ଦେଖି ପୁଲିସ ଓ ତାଙ୍କ ପରିବାରକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ରାଜେଶଙ୍କ ମୃତଦେହକୁ ଉଦ୍ଧାର କରିଥିଲା। ବେଲପାହାଡ଼ ଥାନାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଛି।

## ସେମ ହେମ୍ବ୍ରମ, ଡୋଲାକର ଭୋଇଙ୍କ ନାମାଙ୍କନ ଦାଖଲ





**ଦେବଗଡ଼, ୨।୫(ସମିସ):** ଦେବଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ଗୋପାଳ ଜି ମନ୍ଦିରଠାରୁ ଦଳୀୟ କର୍ମୀଙ୍କ ଗହଣରେ ପଟୁଆରରେ ସେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ଏହାପରେ ଜିଲ୍ଲାପାଳ ତଥା ରିଟର୍ଣ୍ଣିଙ୍ଗ ଅଧିକାରୀ ପରୀକ୍ଷିତ ସାହୁଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ କଂଗ୍ରେସ ମିଡ଼ିଆ ସେଲ୍‌ଫ ଅଧ୍ୟକ୍ଷ ସିଦ୍ଧେଶ୍ୱର ଗୁରୁ, ଏସ୍‌ସି ସେଲ୍‌ଫ ଅଧ୍ୟକ୍ଷ ମଞ୍ଜୁଳ ନାଏକ, ଓବିସି ସେଲ୍‌ଫ ଅଧ୍ୟକ୍ଷ ସୁବାସଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଦେବଗଡ଼ ବିଧାନସଭା ଆସନ ପାଇଁ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ(ପିବିଆଇ)ର ବିଧାୟକ ପ୍ରାର୍ଥୀ ଡୋଲାକର ଭୋଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ଗୋପାଳଜୀ ମନ୍ଦିର ସମ୍ମୁଖରୁ ଶ୍ରୀ ଭୋଇ ତାଙ୍କ ସମର୍ଥକଙ୍କ ସହ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ନିକଟରେ ଶ୍ରୀ ଭୋଇ ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ଏଥିରେ ପିବିଆଇର ରାଜ୍ୟ ସଭାପତି କେଦାରନାଥ ସାହୁ, ରାଜ୍ୟ ଆନ୍ଦୋଳନ ସଚିବ ଆଦିତ୍ୟ ପ୍ରଧାନ, କୋଶଳ ସମାଜର ମହାସଚିବ ଶଙ୍କରଲାଲ ଦେବ, ଦେବଗଡ଼ ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ବେହେରା, ଉପସଭାପତି ରାଜ କିଶୋର ସାହୁ, ସମ୍ପାଦକ ବିଭୂତି ଭୂଷଣ ପାତ୍ର, ଅବନୀ ଦେହୁରୀ, କୁମୁଦବନ୍ଧୁ ଦେହୁରୀ, ସୁଶାନ୍ତ ଦେହୁରୀଙ୍କ ସମେତ ବହୁ ସମର୍ଥକ ଉପସ୍ଥିତ ଥିଲେ।

## ଜିଲ୍ଲାରେ ୪ ଜଣ ନାମାଙ୍କନ

**ଝାରସୁଗୁଡ଼ା, ୨।୫(ସମିସ):** ଝାରସୁଗୁଡ଼ା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରୁ ଦୁଇଜଣ ଲେଖାଏଁ ନାମାଙ୍କନ ଦାଖଲ କରିଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ନିର୍ଦ୍ଦଳୀୟ ପ୍ରାର୍ଥୀ ସାଧାନା ପାଣ୍ଡେ ଓ ନ୍ୟାସନାଲ ଅପ୍‌ନା ପାର୍ଟିରୁ କଳାକର ନାଏକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ବ୍ରଜାଜନଗର ନିର୍ବାଚନ ମଣ୍ଡଳୀରୁ ସୁପ୍ରିତ କୁମାର ବେହେରା ଓ ବିଜୁ ଜନତା ଦଳରୁ ଅଲକା ମହାନ୍ତି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ଆଜି ବ୍ରଜରାଜନଗରୁ କେବଳ ଜଣେ ନାମାଙ୍କନ ପତ୍ର ନେଇଛନ୍ତି।

## ୨୨ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟକଲା ପୁଲିସ

**ଝାରସୁଗୁଡ଼ା, ୨।୫(ସମିସ):** ଲଖନପୁର ବ୍ଲକ ରେଙ୍ଗାଲି ପୁଲିସ ପକ୍ଷରୁ ବଡ଼ଧରା ଜଙ୍ଗଲ ଭିତରେ ଚଢ଼ଉକରି ୨୨ କୁଇଣ୍ଟାଲ ମହୁଲ ପୋଚକୁ ନଷ୍ଟ କରିଛି। ବଡ଼ଧରା ଜଙ୍ଗଲରେ ବେନୀୟମ ଭାବରେ ଦେଶୀ ମଦ ରନ୍ଧା ହେଉଥିବା ପୁଲିସକୁ ଖବର ମିଳିଥିଲା। ରେଙ୍ଗାଲି ପୁଲିସ ଚଢ଼ଉ କରି ବଡ଼ଧାରା ଜଙ୍ଗଲରୁ ଉକ୍ତ ମହୁଲ ପୋଚ ନଷ୍ଟ କରିଛି। ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି।

## ଟିଆର୍‌ଏଲ୍ କ୍ରୋସାକୀ ହସ୍ପିଟାଲର ସୁବର୍ଣ୍ଣ ଜୟନ୍ତୀ

**ଝାରସୁଗୁଡ଼ା, ୨।୫ (ସମିସ):** ବେଲପାହାଡ଼ ଟିଆରଏଲ୍ କ୍ରୋସାକି ହସ୍ପିଟାଲ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ ଅବସରରେ ଏକ ମେଡିକାଲ କନଫରେନ୍ସ 'ମେଡିକନ୍ ୨୦୨୪' ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀର ଆୟୋଜକ ଚେୟାରମ୍ୟାନ୍ ଭାବେ ଟିଆରଏଲ୍ କ୍ରୋସାକି ହସ୍ପିଟାଲର ନିର୍ଦ୍ଦେଶକ ତୁଷାରକାନ୍ତି ଦାଶ ଓ ସମ୍ପାଦକ ଭାବେ ଫଣେନ୍ଦ୍ର କୁମାର ମୁର୍ମୁ ଦାୟିତ୍ୱ ନିର୍ବାହ କରିଥିବା ବେଳେ ସମସ୍ତ ଡାକ୍ତର ଏବଂ ଡାକ୍ତରୀ କର୍ମଚାରୀ ସହଯୋଗ କରିଥିଲେ। ଏହି ସମ୍ମିଳନୀରେ ଟିଆରଏଲ୍ କ୍ରୋସାକି କମ୍ପାନୀର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟର ୧୫୦ ରୁ ଅଧିକ ପ୍ରଖ୍ୟାତ ଡାକ୍ତର ଯୋଗ ଦେଇଥିଲେ। ଏହି ଅବସରରେ ଡା. ଅଭୟ ସାହୁ, ଡା. ଜିଏସ୍‌ଏସ୍ ମହାପାତ୍ର, ଭୁବନେଶ୍ୱର ଆମ୍ରି ମଣିପାଲ୍ ହସ୍ପିଟାଲର (ଅର୍ଥୋପେଡ଼ିକ୍ ଏବଂ ରୋବୋଟିକ୍ ଜେଆର୍ ସର୍ଜନ) ନିର୍ଦ୍ଦେଶକ ଡା. ସୁନୀଲ କୁମାର ଦାଶ, ପୁଲ୍ମୋନୋଲୋଜି ଡା. ଶରତ ବେହେରା, କଟକ ଏସ୍‌ସିବି ମେଡିକାଲ୍ କଲେଜର ପ୍ରଫେସର (ମେଡିସିନ୍) ଡା. ଜୟନ୍ତ ପଣ୍ଡା, କଟକ ଶକ୍ତି ହସ୍ପିଟାଲର ଜେନ୍ ଆଣ୍ଡ ଲାପ ସର୍ଜନ ଏମ୍‌ଡି ଡା. ଶକ୍ତି ସାହୁ, ପ୍ଲାଷ୍ଟିକ ସର୍ଜରୀ ଡା. ରୁଚି ଗୁପ୍ତା, ଭୁବନେଶ୍ୱର କେୟାର ହସ୍ପିଟାଲରେ ମେଡିକାଲ ଓ ଏଚଓଡି କର୍ଡିଓଲୋଜି ଏମ୍‌ଡି ଡା. ଏମ୍‌ପି. ତ୍ରିପାଠୀ, ଭୁବନେଶ୍ୱର ଆଇଏମଏସ ଆଣ୍ଡ ସୋମ ହସ୍ପିଟାଲର ଜେନ ଆଣ୍ଡ ଲାପ ସର୍ଜନ ପ୍ରଫେସର ଡା. ଦେବାଶିଷ ସାମଲ, ଏନଟିପିସି ମେଡିକାଲର ପୂର୍ବ ସିଏମଓ ଡା. ଆର୍‌କେ. ମିଶ୍ର, ଡା. ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ମେମୋରିଆଲ ହେଲଥ ସାଇନ୍ସ ଏବଂ ଆୟୁଷ ବିଶ୍ୱବିଦ୍ୟାଳୟର କୁଳପତି ଡା. ପ୍ରଦୀପ ପାତ୍ର, ବିଲାସପୁର ଆପୋଲୋ ହସ୍ପିଟାଲର ପରାମର୍ଶଦାତା ଡା. ପରିଡ଼ା ପ୍ରମୁଖ ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟ ସେବା ତଥା ଚିକିତ୍ସା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।




## ହରେକୃଷ୍ଣ ବ୍ରଜରାଜନଗର ବିଜେଡି ମୁଖ୍ୟ ନିର୍ବାଚନ ସଂଯୋଜକ

**ଝାରସୁଗୁଡ଼ା, ୨।୫(ସମିସ) :** ବିଜୁ ଜନତା ଦଳ ପକ୍ଷରୁ ସଭାପତି ନବୀନ ପଟ୍ଟନାୟକ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ପାଇଁ ହରେକୃଷ୍ଣ ଶଡ଼ଙ୍ଗୀଙ୍କୁ ମୁଖ୍ୟ ନିର୍ବାଚନ ସଂଯୋଜକ ଭାବରେ ମନୋନୀତ କରିଛନ୍ତି। ଏନେଇ ବିଜୁ ଜନତା ଦଳ ପକ୍ଷରୁ ସଭାପତି ନବୀନ ପଟ୍ଟନାୟଙ୍କ ନିର୍ଦ୍ଦେଶରେ ସାଂଗଠାନୀକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ତାଙ୍କର ଚିଠି ମଧ୍ୟରେ ହରେକୃଷ୍ଣ ଶଡ଼ଙ୍ଗୀଙ୍କୁ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ମୁଖ୍ୟ ନିର୍ବାଚନ ସଂଯୋଜକ ଭାବରେ ମନୋନୀତ କରିଛନ୍ତି ଜଣାଇଛନ୍ତି।



## ଦେବଗଡ଼ ବିଧାନସଭା ଆସନ ପାଇଁ ବଦଳିଲେ ବିଜେଡି ପ୍ରାର୍ଥୀ

## ରୋମାଞ୍ଚ ବିଶ୍ୱାଳଙ୍କ ସମର୍ଥକ ଉତ୍ସାହିତ

ଦେବଗଡ଼, ୨।୫(ସମିସ): ଦେବଗଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ପରିବର୍ତ୍ତନ କରିଛି ବିଜେଡି। ପୂର୍ବରୁ ଦଳ ସମ୍ବଲପୁର ଲୋକସଭା ସାଂସଦ ନୀତେଶ ଗଙ୍ଗଦେବଙ୍କ ପତ୍ନୀ ଅରୁନ୍ଧତୀ ଦେବୀଙ୍କ ନାମ ଘୋଷଣା କରିଥିଲା; ମାତ୍ର ଅରୁନ୍ଧତୀଙ୍କ ପ୍ରତି ବିଶେଷ ଜନ ସମର୍ଥନ ନ ଥିବା ଦଳ ଅନୁଭବ କରିବା ପରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। ଅରୁନ୍ଧତୀଙ୍କ ସ୍ଥାନରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନାମ ଘୋଷଣା କରାଯାଇଛି। ଏହାକୁ ନେଇ ଶ୍ରୀ ବିଶ୍ୱାଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଓ ସମ୍ବଲପୁର ଲୋକସଭା ଆସନ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷେ ରୋମାଞ୍ଚଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ଦେଖା ଦେଇଛି। ସମର୍ଥକମାନେ ରୋମାଞ୍ଚଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।



## ହକି ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ଝାରସୁଗୁଡ଼ା, ୨।୫(ସମିସ):** ଝାରସୁଗୁଡ଼ା ଜିଲ୍ଲାର ସବଜୁନିଅର, ଜୁନିଅର ମହିଳା ଦଳରେ ପ୍ରତିନିଧିତ୍ୱ କରିଥିବା ଯେଏନବିର ଅଷ୍ଟମଶ୍ରେଣୀର ଛାତ୍ରୀ ରାଜେଶ୍ୱରୀ ନାୟକ ଗୋଲ କିପର ଭାବରେ ଓ ତ୍ରିଷ୍ଣା ରାଉଡିଆ ଓଡ଼ିଶା ରାଜ୍ୟ ସ୍କୁଲ ହକି ଦଳରେ ପ୍ରତିନିଧିତ୍ୱ କରି କର୍ଣ୍ଣାଟକର କୋଲାହପୁର ଜିଲ୍ଲାର କୁଡ଼ିଜେ ଠାରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ବାଳିକା ହକି ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହେଇଥିଲା। ଝାରସୁଗୁଡା ଜିଲ୍ଲା ଶିକ୍ଷା ବିଭାଗର ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗରଡିଆ ତାଙ୍କ ଅଫିସ ସମ୍ମିଳନୀ ଗୃହରେ ଖେଳାଳିଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଝାରସୁଗୁଡା ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ବିମଳ କୁମାର ତାଣ୍ଡି ଓ ଅନ୍ୟାନ୍ୟ ଶିକ୍ଷାବିତମାନେ ଉପସ୍ଥିତ ରହି ଉଭୟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିଥିଲେ।



## ବୋଲେରୋ ଦୁର୍ଘଟଣାଗ୍ରସ୍ତ

**ଝାରସୁଗୁଡ଼ା, ୨।୫(ସମିସ):** ସରଣ୍ଡାମାଲ ରାସ୍ତାରେ ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଡ୍ରାଇଭର ଆହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ସରଣ୍ଡାମାଲ ରାସ୍ତାରେ ଏକ ବୋଲେରୋ ଦୃତ ଗତିରେ ଆସି ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଓଲଟି ପଡ଼ିଛି। ଡ୍ରାଇଭର ଜଣକ ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଥିଲେ।

## ରିକ୍ସା ଚଳାଇ ଆସିଲେ ସ୍ୱାଧୀନ ପ୍ରାର୍ଥୀ

**ଝାରସୁଗୁଡ଼ା, ୨।୫(ସମିସ):** ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ଜ୍ଞାନେନ୍ଦ୍ର ବେହେରା ନାମାଙ୍କନ ଭରିବା ପାଇଁ ତାଙ୍କ ସମର୍ଥକ ମାନଙ୍କ ସହିତ ରିକ୍ସା ଚାଲାଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ ମଧ୍ୟ କରିଥିଲେ। କିନ୍ତୁ ତାଙ୍କର କେତେକ ଜରୁରୀ କାଗଜ ନ ଥିବାରୁ ତାଙ୍କର ନାମାଙ୍କନ ଦାଖଲ ହୋଇ ପାରି ନ ଥିଲା। ତେବେ ଶୁକ୍ରବାର ପୁଣିଥରେ ଜ୍ଞାନେନ୍ଦ୍ର ବେହେରା ନାମାଙ୍କନ ପତ୍ର ଦାଖଲ କରିବେ।

## ଝାରସୁଗୁଡ଼ାରେ ଯୋଗ ଦେଲେ ୩ ପର୍ଯ୍ୟବେକ୍ଷକ

**ଝାରସୁଗୁଡ଼ା, ୨।୫(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ପୁଲିସ ପର୍ଯ୍ୟବେକ୍ଷକ ପହଞ୍ଚିଛନ୍ତି। ସାଧାରଣ ପର୍ଯ୍ୟବେକ୍ଷକ ଭାବରେ ୨୦୧୦ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଜେ. ମଞ୍ଜୁନାଥ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବରେ ୨୦୧୦ ବ୍ୟାଚ୍‌ର ଭାରତୀୟ ରାଜସ୍ୱ ସେବାର ବରିଷ୍ଠ ଅଧିକାରୀ ଶଶିକାନ୍ତ ସିଂହ ଓ ୨୦୧୪ ବ୍ୟାଚର ଅଧିକାରୀ କ୍ରିଷ୍ଣମୂର୍ତ୍ତି ଏଟି ଏବଂ ୨୦୦୩ ବ୍ୟାଚ୍ ଭାରତୀୟ ପୁଲିସ ସେବାର ବରିଷ୍ଠ ଅଧିକାରୀ ମୋଦକ ରାଜେଶ ଡି. ରାଓ ନିୟୋଜିତ ହୋଇଛନ୍ତି। ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟର ପ୍ରଥମ ମହଲାସ୍ଥିତ ତାଙ୍କ ପ୍ରକୋଷ୍ଠରେ ପ୍ରତ୍ୟେକ ବୁଧବାର ଓ ଗୁରୁବାର ଦିନ ଏବଂ ବରଗଡ଼ ସର୍କିଟ ହାଉସରେ ସୋମବାର, ମଙ୍ଗଳନାର ଓ ଶନିବାର ଦିନ ସାକ୍ଷାତ କରାଯାଇପାରିବ। ସେହିପରି ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ପାଇଁ ମୋବାଇଲ ନଂ ୯୪୩୭୮୧୧୯୫୩ ଓ ବରଗଡ଼ ସଂସଦୀୟ ନିର୍ବାଚନ ମଣ୍ଡଳୀ ସକାଶେ ୮୧୪୪୮୭୯୮୪୫ ଯୋଗେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ ଦାଖଲ କରାଯାଇପାରିବ। ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଧାର୍ଯ୍ୟ ତାରିଖରେ ଦିନ ୧୧ଟାରୁ ଆପରାହ୍ଣ ସାଢ଼େ ୧୨ଟା ମଧ୍ୟରେ ସାକ୍ଷାତ କରାଯାଇପାରିବ। ବ୍ରଜରାଜନଗର ଓ ଝାରସୁଗୁଡା ନିର୍ବାଚନ ମଣ୍ଡଳୀ ପାଇଁ ଝାରସୁଗୁଡ଼ା ଖର୍ଚ୍ଚ ପର୍ଯ୍ୟବେକ୍ଷକ ସିଂହଙ୍କ ମୋବାଇଲ ନଂ ୯୯୬୯୧୦୫୪୫୦ ଓ କ୍ରିଷ୍ଣମୂର୍ତ୍ତିଙ୍କ ମୋବାଇଲ ନଂ ୮୯୮୫୯୭୦୨୬୨। ପୁଲିସ ପର୍ଯ୍ୟବେକ୍ଷକ ଶ୍ରୀ ମୋଦକ ଆର. ଡି. ରାଓଙ୍କ ମୋବାଇଲ ନଂ ୮୬୫୮୭୯୬୨୭୭।

## ସମ୍ମିଳିତ ଆଦିବାସୀ ସମାଜ ତରଫରୁ ଶ୍ରମିକ ଦିବସ ପାଳିତ

# ଭିତ୍ତିଭୂମି ଅଭାବ ଯୋଗୁଁ ହଇରାଣ ହେଉଛନ୍ତି ଶ୍ରମିକ

ଝାରସୁଗୁଡ଼ା, ୨।୫(ସମିସ)

ସମ୍ମିଳିତ ଆଦିବାସୀ ସମାଜ ତରଫରୁ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ଚିଠୁଆପଡ଼ା ଝାରସୁଗୁଡା ଠାରେ ପାଳନ ହୋଇଛି। ଏହି ଅବସରରେ ସଂଗଠନ ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟଅତିଥି ଭାବରେ ଶ୍ରମିକ ନେତା ରତ୍ନାକର ପ୍ରଧାନ, ସମ୍ମାନିତ ଅତିଥି ସମାଜସେବୀ ପ୍ରଭାକର ଓରାମ ଯୋଗ ଦେଇଥିଲେ। ଶ୍ରମ ଅଧିକାରକୁ ଲାଗୁ କରିବା ପାଇଁ ଅନେକ ଗୁଡିଏ ଶ୍ରମ କାର୍ଯ୍ୟାଳୟ ସ୍ଥାପନ ହୋଇଛି। ହେଲେ ସେଠାରେ ଆବଶ୍ୟକୀୟ କର୍ମଚାରୀ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ଶ୍ରମିକମାନେ ତାଙ୍କ ଅଧିକାରରୁ ବଞ୍ଚିତ ହୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ନିଜର ସେବାରେ ଶ୍ରମିକ ଓ କର୍ମଚାରୀ ମାନଙ୍କୁ ସିଧାସଳଖ ନିଯୁକ୍ତି ଦେବା ବଦଳରେ ବିଭିନ୍ନ ଠିକା ସଂସ୍ଥା ଜରିଆରେ ନିଯୁକ୍ତି ଦେଉଛନ୍ତି। ଏହି ସଭାରେ ଶ୍ରମିକ ସଂଗଠନ ମହାସଚିବ ବାସୁଦେବ ଧୁରୁଆ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଧର୍ମେନ୍ଦ୍ର କିସାନ, ପ୍ରେମାନନ୍ଦ ବିଶ୍ୱାଲ, ପ୍ରମୁଖ ସଚିବ ଅଶୋକ ମାଝୀ କାର୍ଯ୍ୟାଳୟ ସଚିବ ବିନୋଦ ବାଗ, ସନ୍ତୋଷୀ ଓରାମ, ସପ୍ନା ଓରାମ, ନିଳିମା ଟପ୍ପୋ, ସାବିତ୍ରୀ ଓରାମ, ବାଲମତୀ ଓରାମ, ଆରତୀ ଓରାମ, ପୂଜା ଓରାମ ପ୍ରମୁଖ ସହଯୋଗ କରିଥିଲେ।



# ଧର୍ମେନ୍ଦ୍ର ଓ ତାଙ୍କ ଦଳ ବିଜେଡ଼ି ପ୍ରଶ୍ନର ଉତ୍ତର ଦେଇପାରିଲେନି

ସମ୍ବଲପୁର, ୨।୫(ସମିସ)

ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ପାନ୍ଥନିବାସଠାରେ ବିଜେଡି ମୁଖପାତ୍ର ଡ଼. ଲେନିନ୍ ମହାନ୍ତି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଭେଟି ଏକ ପ୍ରତିକ୍ରିୟା ଦେଇଥିଲେ। ଓଡ଼ିଆ ଅସ୍ମିତାର କଥା କହୁଥିବା ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପାଇଁ କ'ଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ଧର୍ମେନ୍ଦ୍ରଙ୍କ ଓଡ଼ିଶା ପ୍ରତି ଥିବା ଇର୍ଷା ଓ ଅହଙ୍କାର ଭାବର ଅସଲ ଚିତ୍ର ସର୍ବସାଧାରଣଙ୍କ ସମ୍ମୁଖକୁ ଆଣିବାରୁ ବିଜେପିର ପ୍ରାଇଭେଟ୍ କୁହାଳିଆ ନେତା ସାଜିଥିବା କିଛି ଦଳଡ଼ିଆଁଙ୍କୁ ଏକଥା ବାଧୁଛି। ସନ୍ଧ୍ୟାରେ ଏକ ପ୍ରେସମିଟ୍ କରି ଡ଼. ଲେନିନ ମହାନ୍ତି ପଚାରିଥିବା ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ବିଲବିଲେଇ ହୋଇଛନ୍ତି ପ୍ରମୋଦ ରଥ। ପ୍ରତ୍ୟୁତ୍ତରରେ ବିଜେପି ନେତା ଓ ତାଙ୍କର ବାଚସ୍କରଙ୍କୁ କଡ଼ା ସମାଲୋଚନା କରିବା ସହିତ ମୁଁ ଖୋଲା ଡିବେଟ୍ ପାଇଁ ପ୍ରସ୍ତୁତ ବୋଲି ଆହ୍ୱାନ କରିଛନ୍ତି ବିଜେଡି ମୁଖପାତ୍ର ଡ଼. ଲେନିନ ମହାନ୍ତି। ଆଜି ପୂର୍ବାହ୍ନରେ ଗଣମାଧ୍ୟମ ସମ୍ମୁଖରେ ଡ଼. ଲେନିନ ମହାନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲା ଚ୍ୟାଲେଞ୍ଜ କରିଥିଲେ। ଯଦି ସତ୍ ସାହାସ ଅଛି ତା'ହେଲେ ଆପଣ ନାମାଙ୍କନ ପତ୍ର ଦାଖଲ କରିବା ପୂର୍ବରୁ ଜନସାଧାରଣଙ୍କୁ ରିପୋର୍ଟ ଦେଖାନ୍ତୁ ଯେ ଆପଣ ଆଇଓସିଏଲ୍ ର ଦାୟିତ୍?ରେ ଥିଲା ସମୟରେ କେତେଜଣ ଓଡ଼ିଆ ଶ୍ରମିକଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିଭଳି ପେଟ୍ରୋଲିୟମ ମନ୍ତ୍ରୀ ଥିଲା ସମୟରେ ଓଡ଼ିଶାକୁ କେତେ ସିଏସଆର୍ ଫଣ୍ଡ ପ୍ରଦାନ କରିଛନ୍ତି। କିନ୍ତୁ ବିଜେପିର କୁହାଳିଆ ପ୍ରାଇଭେଟ୍ ବକ୍ତା ପ୍ରମୋଦ ରଥ ଏହାର ଉତ୍ତର ରଖିବା ପରିବର୍ତ୍ତେ ଅଯଥାରେ ବାଉଳି ହେଉଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଆମେ ଯାହା ଅଭିଯୋଗ କରିଥିଲୁ ତାହା ସତ। ଆଜି ତ ଧର୍ମେନ୍ଦ୍ର ବାବୁଙ୍କ ପ୍ରଚାରରେ ଲାଗିଥିବା ଏକ ଟିଭିର ଉତ୍ତର ଦିଆଯାଇଛି। ବୋଧହୁଏ ଦଳଡ଼ିଆଁ ପ୍ରବକ୍ତା ଟିଭି ନଦେଖି ସାମ୍ବାଦିକ ସମ୍ମିଳନୀ କରିପକାଇଛନ୍ତି ବୋଲି ଡ଼. ଲେନିନ୍ ମହାନ୍ତି କହିଛନ୍ତି। ସେ ଆହୁରି କହିଥିଲେ ଯେ ମୁଁ ହେଉଛି ବିଜୁ ଜନତା ଦଳର ଜଣେ ଫୁଟ ସୋଲଜର। ଦଳ ଯାହା ନିର୍ଦ୍ଦେଶ ଦେବ ମୁଁ କରିବା ପାଇଁ ପ୍ରସ୍ତୁତ। କିନ୍ତୁ ମୁଁ ପ୍ରମୋଦ ରଥଙ୍କ ଭଳି ପାର୍ଟି ହୋପର ନୁହେଁ। ନିଜର ସ୍ୱାର୍ଥ ପାଇଁ ପ୍ରମୋଦ ବାବୁ କାଲି ପୁଣି ଅନ୍ୟ ଦଳକୁ ଡିଆଁ ମାରିବେ ଏଥିରେ ସନ୍ଦେହ ନାହିଁ। କାରଣ ଆଜି ସାମ୍ବାଦିକ ସମ୍ମିଳନୀ କଲା ସମୟରେ ସେ ୨୦୧୪ ରୁ ୨୦୨୪କୁ କଂଗ୍ରେସର ସମୟ ବୋଲି ଗୁଣଗାନ କରିଛନ୍ତି। ଏଥିରୁ ଯାହା ପ୍ରତୀତ ହେଉଛି ବିଜେଡିରୁ ବିଜେପିକୁ ଗଲା ପରେବି ସେ କୋଣଠେଶା ହୋଇ ରହିଛନ୍ତି। ତେଣୁକରି ବିଜେପି ପ୍ରତି ମନରେ ଥିବା ରୋଷ ଓ କଂଗ୍ରେସ ଦଳରୁ ଥିବା ଆଶା ତାଙ୍କୁ ୭୦ ବର୍ଷ ପଛକୁ ଟାଣି ନେଇଛି। ଅପରପକ୍ଷେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ କରି ସେ କହିଥିଲେ ଆପଣ ମୋ ନେତାଙ୍କ ସହିତ ପରେ ତର୍କ କରିବେ। ପ୍ରଥମେ ମତେ ସାମ୍ନା କରନ୍ତୁ, ମଞ୍ଚ ପ୍ରସ୍ତୁତ ରଖନ୍ତୁ ମୁଁ ଖୋଲା ଡିବେଟ୍ ପାଇଁ ପ୍ରସ୍ତୁତ। ସେ କହିଛନ୍ତି ଯେମିତି ମୋ ନେତା ମତେ ନୋମିନେଟ କରିଛନ୍ତି ଗୋଟେ ଦାୟିତ୍ୱ ଦେଇଛନ୍ତି, ଧର୍ମେନ୍ଦ୍ର ବାବୁ ମଧ୍ୟ ନୋମିନେଟ୍ ହେଇକି ତ ଗୋଟିଏ ପଦବୀ ମଣ୍ଡନ କରିଛନ୍ତି। କିନ୍ତୁ ଧର୍ମେନ୍ଦ୍ର ପ୍ରଧାନ କହିପାରିବେ କି ସେ ସମ୍ବଲପୁର ପାଇଁ କଣ କରିଛନ୍ତି ? ସମଲେଇ ଯୋଜନାରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀଙ୍କ ପୀଠ ଭବ୍ୟ ହେଲା। ସମଲେଇ ମନ୍ଦିରରେ ଲାଇଟ୍ ଏବଂ ସାଉଣ୍ଡ ସୋ ଭକ୍ତ, ପର୍ଯ୍ୟଟକଙ୍କ ମନ ମୋହୁଛି। ପାନ୍ଥନିବାସ ପର୍ଯ୍ୟଟକ ମାନଙ୍କ ରହିବା ପାଇଁ ପ୍ରଥମ ପସନ୍ଦ ହୋଇଛି। ସେହିଭଳି ଐତିହସ୍ଥଳୀ ରାନୀ ବଖରୀରେ ନିମନ୍ତ୍ରଣ ରେଷ୍ଟୁରାଣ୍ଟ କରାଯାଇ ସମ୍ବଲପୁରୀ ଖାଦ୍ୟକୁ ପ୍ରୋତ୍ସାହନ ଦିଆଯାଉଛି। କରୋନା ମହାମାରୀ ପରେ ଡ଼. ଲେନିନ ମହାନ୍ତିଙ୍କୁ ଓଟିଡିସି ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଗଲା। ଏହାର ବର୍ଷେ ମଧ୍ୟରେ ରାଜ୍ୟ ସରକାରଙ୍କ ସର୍ବାଧିକ ଲାଭ ସୃଷ୍ଟିକାରୀ ସଂସ୍ଥା ଭାବରେ ୮ କୋଟି ଟଙ୍କାର ଲାଭ କରିଛି। ଏ କଥା ଧର୍ମେନ୍ଦ୍ର ବାବୁ ଜାଣିବା ଦରକାର ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ ଓ ୫ଟି ଅଧ୍ୟକ୍ଷଙ୍କ ସହଯୋଗ କ୍ରମେ ଓଡ଼ିଆ ଭାଷାକୁ ରୁଦ୍ଧିମନ୍ତ କରିବା ପାଇଁ ମୁଁ ଦଶବର୍ଷେ ଉତ୍କଳ ପ୍ରସଙ୍ଗ ପାଇଁ କାମ କରିଛି। ଧର୍ମେନ୍ଦ୍ର ବାବୁ ଯେଉଁଠି ରିଜେକ୍ଟ ହୋଇଥିଲେ ସେହି ବିଶ୍ୱବିଦ୍ୟାଳୟରେ ମୁଁ ଛାତ୍ର ସଭାପତି ଭାବରେ ଦାୟିତ୍? ତୁଲାଇସାରିଛି। ତେଣୁକରି ଧର୍ମେନ୍ଦ୍ର ପ୍ରଧାନ କିମ୍ବା ତାଙ୍କର ପ୍ରାଇଭେଟ୍ ପ୍ରବକ୍ତା ମୋ ନେତାଙ୍କ ସହିତ ତର୍କ କରିବା ପୂର୍ବରୁ ମତେ ସାମ୍ନା କରନ୍ତୁ ବୋଲି ସେ କହିଛନ୍ତି। ଧର୍ମେନ୍ଦ୍ର ବାବୁ ଜାଣି ରଖିବା ଦରକାର, ସେ ପ୍ରତିନିଧିତ୍? କରୁଥିବା ବିହାର ଓ ମଧ୍ୟପ୍ରଦେଶ ଠାରୁ ଓଡ଼ିଶା ଢେର୍ ଭଲ ସ୍ଥିତିରେ ଅଛି। ମନ୍ତ୍ରୀ ହେବାର ଲାଳସା ତାଙ୍କୁ ସମ୍ବଲପୁରକୁ ଟାଣି ଆଣିଛି। କିନ୍ତୁ ସେ କହିପାରିବେକି ତାଙ୍କର ଏମପି ଓ ଏମଏଲଏ୍ ସମ୍ବଲପୁରବାସୀଙ୍କ ଦ୍?ାରା ନିର୍ବାଚିତ ହେବାପରେ କେଉଁଠି ଥିଲେ। ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ପ୍ରତି ଇର୍ଷାନ୍?ିତ ହୋଇ ପିଏମ ଆବାସ ଯୋଜନା କାହିଁକି ବନ୍ଦ କଲେ ଯଦିବ ଖର୍ଚ୍ଚର ଏକ ସିଂହଭାଗ ରାଜ୍ୟ ଦେଉଛି। ଧର୍ମେନ୍ଦ୍ର ବାବୁ କହିପାରିବେ କି ଉଜ୍ଜଳା ଯୋଜନାରେ ଗ୍ୟାସ ନେଉଥିବା କେତେଜଣ ମହିଳା ନିୟମିତ ଭାବରେ ଗ୍ୟାସ ଟାଙ୍କି ନେଉଛନ୍ତି। ପ୍ରଶ୍ନ ପଚରାଗଲା ତ, ତେଣୁକରି କଷ୍ଟ ହେଉଛି କି ବୋଲି ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରମୋଦ ରଥଙ୍କୁ ପଚାରିଛନ୍ତି ଡ଼. ଲେନିନ୍ ମହାନ୍ତି। ଆମ ପ୍ରଶ୍ନର ଉତ୍ତର ନଦେଇ ଏପଟସେପଟ ହେବା, ବାଚଲାମୀ କରିବା ସେମାନଙ୍କ ପରିବାପଣିଆ କେତେ ତାହା ସ୍ପଷ୍ଟ କରୁଛି। ଓଡ଼ିଶାର ପ୍ରଗତିରେ କେହି ବାଧକ ସାଜିବା ଧର୍ମେନ୍ଦ୍ର ବାବୁଙ୍କ ପୁରୁଣା ଅଭ୍ୟାସ। ମୁଁ ଆଶା କରେ ବିଜେପି ନେତାଙ୍କ ପ୍ରାଇଭେଟ୍ ବକ୍ତା ସାଜିଥିବା ପ୍ରମୋଦ ବାବୁଙ୍କୁ ଆଗାମୀ ଦିନରେ ଦଳ ଗୋଟିଏ ଭଲ ପଦବୀ ଦେବ। କିନ୍ତୁ ସେ ଯାହାବି କହୁଛନ୍ତି ବୁଝି ବିଚାରି କୁହନ୍ତୁ ଓ ବିଲବିଲେଇ ହୁଅନ୍ତୁ ନାହିଁ। ଆମେ ଯାହା ପଚାରୁଛୁ ତାର ଉତ୍ତର ରଖନ୍ତୁ ବୋଲି ବିଜେଡି ମୁଖପାତ୍ର ଡ଼. ଲେନିନ ମହାନ୍ତି କହିଛନ୍ତି।

- ପ୍ରସଙ୍ଗଭିତ୍ତିକ ଉତ୍ତର ନ ରଖି ବିଲବିଲଉଛନ୍ତି ଦଳଡ଼ିଆଁ
- ଆମେ ଯାହା ଅଭିଯୋଗ କରିଥିଲୁ ତାହା ସତ
- ଆମ ପ୍ରଶ୍ନର ଉତ୍ତର ନଦେଇ ବାଉଳି ହେଉଛନ୍ତି

## ବିଜେଡିରେ ମିଶିଲେ ପୂର୍ବତନ କାଉନସିଲର



ସମ୍ବଲପୁର, ୨।୫(ସମିସ): ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଇଂ.ରୋହିତ ପୂଜାରୀଙ୍କ ସାକ୍ଷୀପଡ଼ା ସ୍ଥିତ ଆବାସିକ କାର୍ଯ୍ୟାଳୟରେ ଇଂ ରୋହିତ ପୂଜାରୀ ଏବଂ ସମ୍ବଲପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ସୌଭାଗ୍ୟ ରଞ୍ଜନ ନାୟକଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜୁ ଜନତା ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି କଂଗ୍ରେସ ଦଳର ମହିଳା ନେତ୍ରୀ ତଥା ୧୯ନମ୍ବର ୱାର୍ଡର ପୂର୍ବତନ କାଉନସିଲର ସୂର୍ଯ୍ୟକାନ୍ତି ନାୟକ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଶ୍ରୀମତୀ ନାୟକଙ୍କ ସହ ତାଙ୍କ ସ୍ୱାମୀ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଉମେଶ ନାୟକ ଏବଂ ଅନ୍ୟ ଜଣେ ବରିଷ୍ଠ କଂଗ୍ରେସ ନେତା ତ୍ରିପୁରାରି ସାହୁ ଯୋଗଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଧର୍ମରାଜ୍ୟ ମରେଇ, ୧୯ ନମ୍ବର ୱାର୍ଡର ବିଜୁ ଜନତା ଦଳର ସକ୍ରିୟ ସଦସ୍ୟ ଲୋକନାଥ ଖମାରୀ, ପ୍ରଭଞ୍ଜନ ପୁରୋହିତ, ଶେଷଦେବ ମହାକୁର, ସଞ୍ଜୀବ ଆଚାର୍ଯ୍ୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଜେପି ଛାଡ଼ିଲେ ବରିଷ୍ଠ କାର୍ଯ୍ୟକର୍ତ୍ତା

ସମ୍ବଲପୁର, ୨।୫(ସମିସ): ବିଜେପି ପୂର୍ବତନ ଜିଲ୍ଲା ଉପସଭାପତି ତଥା ସମ୍ବଲପୁର ବିଚାର ମଞ୍ଚର ଆବାହକ ବେଣୁଧର ଦାଶ, ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ପୂର୍ବତନ ସଭାପତି ବିଜେପି ଯୁବ ମୋର୍ଚ୍ଚା, ରାଜ୍ୟ ଉପସଭାପତି ବିଜେପି ଯୁବମୋର୍ଚ୍ଚା ତଥା ପ୍ରଭାରୀ ଅନୁଗୁଳ କୈଳାସ ସା, ପୂର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୟ ବର୍ମା ପ୍ରମୁଖ ଏକ ମିଳିତ ପ୍ରେସ ବଞ୍ଚୁପ୍ତିରେ ଭାରତୀୟ ଜନତା ପାର୍ଟିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀ ଦାଶ ଓ ଶ୍ରୀ ଷଡ଼ଙ୍ଗୀ କହିଛନ୍ତି, ସମାଜ ପାଇଁ ସମର୍ପଣ ଭାବନା ନେଇ ଦଳ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରୁଥିବା କାର୍ଯ୍ୟକର୍ତ୍ତାଙ୍କ ସମ୍ବଲପୁର ବିଜେପିରେ ସମ୍ମାନ ନାହିଁ। ଭାଜପା ଏବେ ସମ୍ବଲପୁର ଜିଲ୍ଲାରେ ତୋଷାମଦକାରୀ ଏବଂ ଚାଟୁକାରଙ୍କୁ ପ୍ରାଧାନ୍ୟ ଦେଉଛି। ଗତ ୨୦୧୯ ନିର୍ବାଚନରେ ଲୋକଙ୍କ ଦ୍ୱାର ନିର୍ବାଚିତ ହେବା ପରେ ସମ୍ବଲପୁର ସାଂସଦ ଓ ବିଧାୟକ ଲୋକଙ୍କ ଦୁଃଖରେ ସାମିଲ ହେବା ପରିବର୍ତ୍ତେ ହଠାତ ଉଭାନ ହୋଇଗଲେ। ଚଳିତ ବର୍ଷ ନିର୍ବାଚନ ପରେ ବର୍ତ୍ତମାନର ସାଂସଦ ଓ ବିଧାୟକ ପ୍ରାର୍ଥୀ ଯେ ଲୋକଙ୍କ ସହିତ ରହିବେ ତାର କୌଣସି ଗ୍ୟାରେଣ୍ଟି ନାହିଁ ବୋଲି ମତ ପ୍ରକାଶ ପାଇଛି।

## ୧୦୭ କେଜି ଗଞ୍ଜେଇ ଜବତ

ସମ୍ବଲପୁର, ୨।୫(ସମିସ): ନିର୍ବାଚନ ଥିବାରୁ ସବୁ ଛକରେ କଡ଼ାକଡ଼ି ଭାବରେ ଯାଞ୍ଚ ହେଉଛି। ଆଜି ପୁଲିସ ଯାଞ୍ଚ କରୁଥିବା ସମୟରେ ଏକ ଗାଡ଼ିରୁ ବିପୁଳ ପରିମାଣରେ ଗଞ୍ଜେଇ ଜବତ କରିଥିବାବେଳେ ଅଭିଯୁକ୍ତ ଫେରାର ମାରିଥିବା ଜଣାପଡ଼ିଛି। ସକାଳେ ଧନୁପାଲି ପୁଲିସ ପକ୍ଷରୁ ଲିମସରିଏନ୍ ପାଖରେ ଗାଡ଼ି ଯାଞ୍ଚ ଚାଲିଥିଲା। ଏହି ସମୟରେ ଧମାପଟରୁ ଏକ ଗାଡ଼ି(ଓଆର-୧୪-ଏନ୍-୨୨୭୭) ଦ୍ରୁତ ଗତିରେ ଆସୁଥିଲା। ପୁଲିସ ହାତରେ ଧରା ପଡ଼ିବା ପୂର୍ବରୁ ଦୁଇ ଜଣ ଗାଡ଼ିରୁ ଓହ୍ଲାଇ ଦୌଡ଼ି ପଳାଇଥିଲେ। ପରେ ପୁଲିସ ଗାଡ଼ିକୁ ଯାଞ୍ଚ କରିଥିଲା। ସେଥିରୁ ୧୦୭ କେଜି ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଏନେଇ ପୁଲିସ ଏକ ମାମଲା ରୁଜୁ କରି ଗାଡ଼ି ଓ ଗଞ୍ଜେଇକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଜାତିଆଣ ଆକ୍ଷେପ ନେଇ ଅଭିଯୋଗ

ସମ୍ବଲପୁର, ୨।୫(ସମିସ): ଜାତିଆଣ ଅକ୍ଷେପ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ ହୋଇଛି। ବୁଢ଼ାରଜା ରାମଗଡ଼ପଡ଼ାରେ ପୂଜାର୍ଚ୍ଚନା ନେଇ ଏକ ସଭା କାର୍ଯ୍ୟ ଚାଲିଥିଲା। ଏହି ସମୟରେ ସଭାରେ ଗଣ୍ଡା ସମ୍ପ୍ରଦାୟର କିଛି ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ। ଏହି ସମୟରେ ଦୁଇ ଜଣ ବ୍ୟକ୍ତି ସେମାନଙ୍କୁ ଜାତିଆଣ ଅକ୍ଷେପ କରିବା ସହ ଅଶ୍ଳିଳ ଭାଷାରେ ଗାଳିଗୁଳଜ କରିଥିଲେ। ଏଥିସହ ପୂଜା ମଣ୍ଡପରେ ପ୍ରବେଶ କରିପାରବ ନାହିଁ ବୋଲି ମଧ୍ୟ କହିଥିଲେ। ଏଥିସହ ପଡ଼ାର ଗଣ୍ଡା ସମାଜର ମହିଳାଙ୍କୁ ମଧ୍ୟ ଅନେକ ସମୟରେ ହୁଡ଼ାକୁଦା କରୁଛନ୍ତି। ଅନେକ ସମୟରେ ପଡ଼ାର ଛୋଟ ପିଲା ଖେଳିବାକୁ ଗଲେ ମଧ୍ୟ ସେଠାରେ ଖେଳିବାକୁ ବାରଣ କରୁଥିବା ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମହିଳାଙ୍କୁ ଭୁଜାଲି ଦେଖାଇ ଧମକ ଅଭିଯୋଗ

ସମ୍ବଲପୁର, ୨।୫(ସମିସ): ଟାଉନ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଭୁଜାଲି ଦେଖାଇ ଜଣେ ଦୁବୃର୍ତ୍ତ ମାରିବାକୁ ଧମକ ଦେଇଥିଲା। ମହିଳା ଜଣକ ଘରପ ବାହାରି ଟାଉନ ହଲ ପାଖରେ ଥିବା ଏକ ଜଳଖିଆ ଦୋକାନରେ ଜଳଖିଆ ଖାଉଥିଲେ। ଏହି ସମୟରେ ଜଣେ ଦୁବୃର୍ତ୍ତ ଆସି ମହିଳାଙ୍କୁ ଟଙ୍କା ମାଗିଥିଲା। ଟଙ୍କା ନଦେବାରୁ ଗାଳିଗୁଳଜ କରିଥିଲା। ମହିଳାଙ୍କୁ ସବୁବେଳେ ଟଙ୍କା ମାଗୁଥିବାରୁ ଟଙ୍କା ଦୋବାକୁ ମନା କରୁଥିଲେ। ଦୁବୃର୍ତ୍ତ ଏନେଇ ତାର ସାଙ୍ଗକୁ କହିବା ପରେ ସେ ମହିଳାଙ୍କ ଘରକୁ ଭୁଜାଲି ନେଇ ଯିବା ସହ ଅସଭ୍ୟ ଭାଷାରେ ଗାଳିଗୁଳଜ କରିଥିଲା। ଏଥିସହ ମହିଳାଙ୍କୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲା। ଲିଖିତ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ଘଟଣା ତଦନ୍ତ କରୁଛି।

## ଘର ସମ୍ମୁଖରୁ ବାଇକ୍ ଚୋରି

ସମ୍ବଲପୁର, ୨।୫(ସମିସ): ମୁଦିପଡ଼ା ପାଣିଟାଙ୍କି ଛକ ନିକଟରେ ଜଣେ ଯୁବକ ତାଙ୍କ ସାଙ୍ଗ ଘର ସମ୍ମୁଖରେ ବାଇକ୍ ରଖିଥିଲେ। ବାଇକ୍(ଓଡି-୧୫-ସି-୯୩୯୮)କୁ ସେ ହ୍ୟାଣ୍ଡେଲ ଲକ୍ ମଧ୍ୟ କରିଥିଲେ। ସାଙ୍ଗ ଘରେ କିଛି ସମୟ ରହିବା ପରେ ଆସି ଦେଖିବା ବେଳକୁ ବାଇକ ଆଉ ସେଠାରେ ନଥିଲା। ବହୁ ଖୋଜାଖୋଜି ପରେ ମଧ୍ୟ କିଛି ଖୋଜଖବର ପାଇ ନଥିଲେ। ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଜୁହାର ପରିବାର ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା

## 'ବିନୋଦ ପଶାୟତ ସରଳ ଜୀବନର ଅସାଧରାଣ ପ୍ରତିଭା'



ସମ୍ବଲପୁର, ୨।୫(ସମିସ): ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ସାଧକ ବିନୋଦ ପଶାୟତ ଜଣେ ସାଧାରଣ ଜୀବନଶୈଳୀର ମଣିଷ ମଧ୍ୟରେ ଅସାଧରଣ ପ୍ରତିଭା। ପ୍ରତିକୂଳ ଜୀବନ ମଧ୍ୟରେ କେବେ ମଧ୍ୟ ତାଙ୍କର ସୃଜନଶୀଳତା ଅବଦମିତ ହୋଇନାହିଁ, ବରଂ ଜୀବନର ଦୁଃଖକଷ୍ଟ, କାଳରେ ସେ ଚଳଚ୍ଚିତ୍ର ପାଇଁ ରୋମାଣ୍ଟିକ ଗୀତ ରଚନା କରି ସ୍ଥିତପ୍ରଜ୍ଞଙ୍କର ପରିଚୟ ଦେଇଛନ୍ତି। ବିନୋଦ ପଶାୟତ ସମ୍ପୂର୍ଣ୍ଣ ସମ୍ବଲପୁରୀ ପ୍ରଥମ ପୂର୍ଣ୍ଣାଙ୍ଗ ନାଟକ 'ଭଖୀ' ପାଇଁ ଚିରସ୍ମରଣୀୟ ରହିବେ ବୋଲି ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜୁହାର ପରିବାର ସମ୍ବଲପୁର ପକ୍ଷରୁ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ସମ୍ବଲପୁରୀ ସାରସ୍ୱତ ସାଧକ ବିନୋଦ ପଶାୟତଙ୍କ ସମ୍ମାନାର୍ଥେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଭା ପ୍ରେକ୍ଷାଳୟରେ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜୁହାର ପରିବାର ସଂଯୋଜକ ପ୍ରଫୁଲ୍ଲ କୁମାର ଦାଶ ଅଧ୍ୟକ୍ଷତା କରିବା ସହ ଶ୍ରୀ ପଶାୟତଙ୍କ ସଙ୍ଗୀତ ଓ ନାଟକର ପ୍ରଭାବ ବାବଦରେ ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ ନାଗାରାଜୁ ଓ ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇ ଶ୍ରୀ ପଶାୟତଙ୍କ ସାହିତ୍ୟ, ସଙ୍ଗୀତ, ଭାଷାସାଧନା, ନମ୍ରତା, ସରଳତା, ସର୍ବୋପରି ସାଧରଣ ଜୀବନ ନିର୍ବାହ ମଧ୍ୟରେ ଅସାଧାରଣ ସାହିତ୍ୟ ସାଧନା ବାବଦରେ ଆଲୋଚନା କରି ସୁସ୍ଥ, ନିରାମୟ ଜୀବନ କାମନା କରିଥିଲେ। ପରିବାରର ଆବାହକ ଡ. ସତ୍ୟନାରାୟଣ ଠାକୁର ପଦ୍ମଶ୍ରୀ ପଶାୟତଙ୍କ ସଂକ୍ଷିପ୍ତ ଜୀବନୀ ଉପସ୍ଥାପନା କରିଥିଲେ। ଆଡଭୋକେଟ ଅରବିନ୍ଦ ନାୟକ, କମଳଲୋଚନ ପଣ୍ଡା, ବିପ୍ଳବ ଦଣ୍ଡସେନା, ପିଙ୍କି ପ୍ରଧାନଙ୍କ ପରିଚାଳନାରେ ଭବ୍ୟ ନାଗରିକ ସମ୍ବର୍ଦ୍ଧନାରେ ଓଡ଼ିଶା ସାଂସ୍କୃତିକ ସମାଜ, ଭାରତ ବିକାଶ ପରିଷଦ, ମାରୱାଡି ସମାଜ, ନାଟ୍ୟକଳା ପରିଷଦ, ସମ୍ବଲପୁରୀ ଲେଖକ ପରିଷଦ, ହୀରାଖଣ୍ଡ ନାଗରିକ ପରିଷଦ, ସେତୁ ସମଲେଶ୍ୱରୀ ଯୁବକ ସଂଘ, ଅଦୃଶ୍ୟ ନାଟ୍ୟ ଆଶ୍ରମ, ବୁଦ୍ଧିଜୀବୀ ଫୋରମ, କଖଗ, ହୀରାଖଣ୍ଡ ସାମ୍ମୁଖ୍ୟ, କଳା ପରିଷଦ, ଉତ୍ସର୍ଗ, ଉଡାନ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ଜ୍ୟୋତି, ନାରୀଶକ୍ତି, ହେଲପିଙ୍ଗ ହ୍ୟାଣ୍ଡ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଡ. ପ୍ରୟାସ ଡନସେନା, ଝୁନୁ ତ୍ରିପାଠୀ, ପଙ୍କଜିନୀ ମେହେର, ରାଜେଶ ବେହେର ସହଯୋଗ କରିଥିଲେ।

## ଫଟୋ ଭିଡ଼ିଓ ଲାଇକ୍ କରିବା କହି ଲୁଟିନେଲେ

ସମ୍ବଲପୁର, ୨।୫(ସମିସ): ଜଣେ ମହିଳାଙ୍କୁ ସାଇବର ଲୁଟେରା ସୋସିଆଲ ମିଡ଼ିଆରେ ଫଟୋ ଭିଡ଼ିଓ ଲାଇକ୍ କରିବାକୁ କହି ପାର୍ଟ ଟାଇମ ଟଙ୍କା ରୋଜଗାର ଲାଳସା ଦେଖାଇ ୭୦ ହଜାର ଟଙ୍କା ଲୁଟି ନେଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ, ମହିଳାଙ୍କ ପାଖକୁ ଟେଲିଗ୍ରାମରେ ପାର୍ଟ ଟାଇମ୍‌ରେ ଦିନକୁ ୧୦ରୁ ୨୦ ହଜାର ଟଙ୍କା ରୋଜଗାର କରିବା ନେଇ ଏକ ମେସେଜ ଆସିଥିଲା। ପରେ ସେ ହ୍ୱାଟସ୍ ଅପରେ ସମ୍ମତି ପ୍ରକାଶ କରିବା ପରେ ସୋସିଆଲ ମିଡ଼ିଆରେ ବିଭିନ୍ନ ଫଟୋ ଭିଡ଼ିଓ ପୋଷ୍ଟ ଲାଇକ୍ କଲେ ଟଙ୍କା ମିଳିବ ବୋଲି କହିଥିଲେ। ଗୋଟେ ଟାସ୍କ ପୂରଣ କଲେ ୩୦ରୁ ୭୦ ଟଙ୍କା ମିଳିବ ବୋଲି କହିଥିଲେ। ପରେ ମହିଳା ଜଣକ ରାଜି ହୋଇ ଟାସ୍କ ମଧ୍ୟ ଶେଷ କରିଥିଲେ। ପ୍ରଥମେ କାର୍ଯ୍ୟ ଅନୁସାରେ ୩୦୦ଟଙ୍କା ପ୍ରାପ୍ୟ ମିଳିଥିଲା। ପରେ ୧୦୦୦ ଟଙ୍କା ବିନିଯୋଗ କରି ଟାସ୍କ ପୂରଣ କଲେ ଅଧିକ ମିଳିବ ବୋଲି ଲୋଭ ଦେଖାଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ଟଙ୍କା ବିନିଯୋଗ କରିଥିଲେ। ପରେ ୨୦ ହଜାର ଟଙ୍କା ବିନିଯୋଗ କରିବା ପାଇଁ ସାଇବର ଲୁଟେରା ମହିଳାଙ୍କୁ ପରାମର୍ଶ ଦେଇଥିଲେ। ଅଧିକ ଲୋଭ ଦେଖାଇ ବିଭିନ୍ନ କଥା କହି ପ୍ରଲୋଭିତ କରିଥିଲେ। ମହିଳା ଜଣକ ମଧ୍ୟ ୨୦ହଜାର ବିନିଯୋଗ କରିଥିଲେ। ଟଙ୍କା ମହିଳାଙ୍କ ଖାତାରେ ଜମା ହୋଇ ପାରୁନାହିଁ। ଆଉ ୫୦ହଜାର ଜମା କରିବାକୁ ପଡ଼ିବ ବୋଲି କହିଥିଲେ। ଜମା କଲେ ପୂର୍ବ ଟଙ୍କା ଫେରି ପାଇବେ ବୋଲି ସାଇବର ଲୁଟେରା କହିଥିଲେ। ମହିଳା ଜଣଙ୍କ ମଧ୍ୟ ୫୦ହଜାର ଜମା କରିଥିଲେ। ହେଲେ ଖାତାରେ କୌଣସି ଟଙ୍କା ଜମା ହୋଇ ନଥିଲା। ମହିଳା ଜଣଙ୍କ ବାଧ ହୋଇ ଅନଲାଇନ ଅଭିଯୋଗ ପଞ୍ଜିକରଣ କରିବା ସହ ୧୯୩୦ରେ କଲ କରି ଅଭିଯୋଗ କହିଥିଲେ। ଏ ନେଇ ଟାଉନ ଥାନାରେ ଗତକାଲି ଅଭିଯୋଗ ହୋଇଛି। ଟାଉନଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନାଟ୍ୟକାର ସରୋଜ ଦାଶଙ୍କ ପରଲୋକ



ସମ୍ବଲପୁର, ୨।୫(ସମିସ): ସମ୍ବଲପୁର ବିଶିଷ୍ଟ ନାଟ୍ୟକାର, ସାମାଜିକ କର୍ମୀ ଓ ସଙ୍ଗଠକ ତଥା ସମ୍ବଲପୁରୀ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ସରୋଜ ଦାଶଙ୍କ ଗତକାଲି ପରଲୋକ ଘଟିଛି। ଚିକିତ୍ସାଧିନ ଅବସ୍ଥାରେ ବୁର୍ଲାସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ବର୍ଷ ହୋଇଥିଲା। ଏହି ଦୁଖଦ ଖବର ପ୍ରଚାରିତ ହେବାପରେ ସମଗ୍ର ସମ୍ବଲପୁରରେ ଶୋକ ଖେଳିଯାଇଥିଲା। ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚିଥିଲେ। ରାତ୍ରି ପ୍ରାୟ ୯ଟା ରେ ରାଜଘାଟ ଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଗୌରବ ଦାଶ ମୁଖାଗ୍ନି ପ୍ରଦାନ କରିଥିଲେ। ଏଭଳି ଜଣେ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ହରାଇବା ସମ୍ବଲପୁର ପାଇଁ ଅପୂରଣୀୟ କ୍ଷତି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ପ୍ରକାଶଥାଉକି ସ୍ୱର୍ଗତ ଦାଶ ୧୯୫୯ ମସିହାରେ ସମ୍ବଲପୁରରେ ଜନ୍ମଗ୍ରହଣ କରିଥିଲେ। ସରକାରୀ ଚାକିରୀ କରି କର୍ମମୟ ଜୀବନ ଆରମ୍ଭ କରିବା ସହ ସେ ନିଜକୁ ଜଣେ ସାମାଜିକ କର୍ମୀ, ସୁସଙ୍ଗଠକ ଏବଂ ନାଟ୍ୟକାର ଭାବେ ପ୍ରତିଷ୍ଠିତ କରିପାରିଥିଲେ। ସମ୍ବଲପୁରୀ ନାଟକ କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ। ୧୯୮୮ମସିହାରୁ ବର୍ତ୍ତମାନ ସୁଦ୍ଧା ସେ ଆଠଟି ଏକାଙ୍କିକା, ତିନୋଟି ବେତାର ନାଟକ ଓ ୪୫ଟି ପଥପ୍ରାନ୍ତ ନାଟକ ରଚନା କରିଥିଲେ। 'ଘରବୁଡ଼ି ଆଁଠେ ପାଏନ୍' ନାଟକ ରଚନା କରି ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଏହା ବ୍ୟତୀତ ଫଟାକରମ୍, ଠୁଁ ଟି, ଅକାଲ, ସୁରୁଷ୍ଟି, ଭଜାର, ସଡ଼କ୍, ଢ଼ାହି, ଅନମୁନଷିଆ ଆଦି ନାଟକ ରଚନା କରି ନାଟ୍ୟ ଜଗତରେ ନାଟ୍ୟକାର ଭାବେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ଜଣେ ଅଭିନେତା ନିର୍ଦ୍ଦେଶକ ଭାବରେ ମଧ୍ୟ ତାଙ୍କର ଖ୍ୟାତି ରହିଛି। କେବଳ ନାଟକ ନୁହେଁ ସମ୍ବଲପୁରୀ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ଭାବେ କାର୍ଯ୍ୟ କରିବା ସହ ଓଡ଼ିଶା ସାଂସ୍କୃତିକ ସାମାଜର ପୂର୍ବତନ ସମ୍ପାଦକ, ସମ୍ବଲପୁରୀ ଭାଷା ସଂସ୍କୃତିକ ପରିଷଦର ଉପ ସଭାପତି, ଉତ୍ସର୍ଗର ପ୍ରତିଷ୍ଠାତା ସଭ୍ୟ ସହ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଥିଲେ। ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା ସମ୍ବଲପୁର ଲୋକ ମହୋତ୍ସବର ସଂଯୋଜକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।

# ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ସ୍ୱତନ୍ତ୍ର ବ୍ୟବସ୍ଥା

ସମ୍ବଲପୁର, ୨।୫(ସମିସ)

ହୀରାକୁଦ ବନ୍ୟପ୍ରାଣୀ ବିଭାଗ ମୋତିଝରନଠାରେ ଥିବା ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ଗ୍ରୀଷ୍ମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ପ୍ରାଣୀମାନଙ୍କୁ ଉତ୍ତାପରୁ ରକ୍ଷା କରିବା ପାଇଁ ପଦକ୍ଷେପ ନିଆଯାଇଛି। ଭାଲୁ ଓ



ବାଘଙ୍କୁ ବଡ଼ ଆଇସ୍ କ୍ୟୁବ୍ ଯୋଗଇ ଦିଆଯାଇଛି। ଏହା ଦିନ ସମୟରେ ଉତ୍ତାପ ଚାପକୁ ଦୂର କରିବାରେ ସାହାଯ୍ୟ କରିଥାଏ। ସମସ୍ତ ୨୮ଟି ପ୍ରାଣୀ ଏନକ୍ଲୋଜରକୁ ବାଉଁଶ ସେଡ୍ ଓ ଛାତ ଯୋଗାଇ ଦିଆଯାଇଛି। ସମସ୍ତ ଏନକ୍ଲୋଜରରେ ଜଳ ଛିଦ୍ର ସୃଷ୍ଟି କରାଯାଇଛି। ପୂରା ଦିନରେ ପାଣି ଛିଞ୍ଚାଯାଉଛି। ବାଘ ଓ ଭାଲୁର ଏନକ୍ଲୋଜରରେ ଏୟାରକୁଲର ରଖାଯାଇଛି। ପ୍ରାଣୀମାନଙ୍କୁ ହାଇଡ୍ରେଟ୍ ରଖିବା ପାଇଁ ଜଳ ସହିତ ଗ୍ଲୁକୋଜ୍, ଓଆରଏସ୍, ମହୁ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋଲାଇଟ୍ ଭଳି ଗ୍ରୀଷ୍ମକାଳୀନ ଖାଦ୍ୟ ମଧ୍ୟ ଦିଆଯାଉଛି। ସାଲାଡ ଆକାରରେ ତରଭୁଜ, ଆଖୁ, କାକୁଡି, ପେପର, ଅଙ୍ଗୁର, ଟମାଟୋ ଇତ୍ୟାଦି ପାଣିରେ ଥିବା ଫଳଗୁଡିକ ବର୍ତ୍ତମାନ ମାର୍ଚ୍ଚରୁ ପ୍ରାଣୀମାନଙ୍କୁ ଖାଇବାକୁ ଦିଆଯାଉଛି। ପକ୍ଷୀ ଏନକ୍ଲୋଜରଗୁଡିକ (ରଙ୍ଗୀନ କାକାଟିଲ୍, ବୁଡେରିଗାର୍, ମୟୂର ଇତ୍ୟାଦି) ସବୁଜ ଜାଲ ଏବଂ ଘୋଡ଼ାଯାଇଥିବା ବାଉଁଶରେ ପ୍ରବେଶ କରୁଛି ଯାହାଦ୍ୱାରା ପ୍ରବେଶ କରୁଥିବା ଉତ୍ତାପ ହ୍ରାସ ପାଉଛି। ୧୦୧ ପ୍ରଜାତି ସହିତ ନୂତନ ସୃଷ୍ଟି ହୋଇଥିବା ଅର୍କିଡାରିୟମ୍ ଓ ରୋଜ୍ ଗାର୍ଡେନ୍ ଗ୍ରୀନେଟ୍ ସହିତ ଜଳସେଚିତ କରାଯାଉଛି। ଗ୍ରୀଷ୍ମ ସମୟରେ ନବଜାତ ଶିଶୁ - ଚୋସିଙ୍ଗା, ବ୍ଲାକ୍‌ବକ୍, ଦାଗ ହରିଣ, ସମ୍ବର, ପାମ ସିଭେଟ୍ସ ପରି ଜୀବଜନ୍ତୁ ଚଳିତ ବର୍ଷ ଏପ୍ରିଲରେ ୨ ରୁ ୪ ଟି ନୂତନ ସନ୍ତାନ ଜନ୍ମ ଦେଇଛନ୍ତି। ଦୀର୍ଘ ସମୟ ପରେ ନୂତନ ନୋକଟର୍ନାଲ୍ ହାଉସ୍ ଭିତରେ ଥିବା ରକ୍ ପାଇଥନ୍ସ ୧୫ଟି ଅଣ୍ଡା ଦେଇଛି। ଶୀତ ସମୟରେ ନୂତନ କାର୍ଯ୍ୟ - ଅର୍କିଡାରିୟମ୍, ରୋଜ୍ ବଗିଚା ଏବଂ ନୋକଟର୍ନାଲ୍ ହାଉସ୍ ପାଖରେ ସମ୍ବଲପୁର ପ୍ରାଣୀ ଉଦ୍ୟାନରେ ବ୍ଲାକ୍‌ବକ୍ ଓ ହଗଡ଼ର୍ସ ଯୋଗ କରାଯାଇଥିଲା। ଗ୍ରୀଷ୍ମ ଛୁଟିଦିନରେ ମଧ୍ୟ ପ୍ରାଣୀ ଉଦ୍ୟାନଗୁଡିକ ସମ୍ବଲପୁର ଏବଂ ନିକଟବର୍ତ୍ତୀ ଜିଲ୍ଲାର ଛତିଶଗଡ଼ରୁ ପ୍ରାୟ ୧୦୦୦ ପର୍ଯ୍ୟଟକଙ୍କୁ ଆସିଛନ୍ତି। ପ୍ରାଣୀ ଉଦ୍ୟାନରେ ପ୍ରତ୍ୟେକ ରବିବାରର କାହାଣୀ କହିବା ଅଧିବେଶନ ମଧ୍ୟ ପରିଦର୍ଶକମାନଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ। ପରିଦର୍ଶକମାନଙ୍କ ପାଇଁ ପ୍ରବେଶ ଦ୍ୱାରରେ ଏକ ରେଷ୍ଟୁରାଣ୍ଟ ସହିତ ନୂତନ ଜଳ ସୁବିଧା ଓ ଶୌଚଳୟ ସୃଷ୍ଟି କରାଯାଇଛି। ପ୍ରାଣୀ ଉଦ୍ୟାନରେ ପଶୁ - ୧୮ ବିଭିନ୍ନ, ୨୮ ଏନକ୍ଲୋଜରରେ ୩୫୦ ପ୍ରାଣୀ ଭାଲୁ, ଚିତାବାଘ, ବ୍ଲାକ୍‌ବକ୍, ଚୋସିଙ୍ଗା, ହୋଗଡ଼ିର୍, ସାମ୍ବର, ହରିଣ, ମାଙ୍କଡ଼, ବାର୍କି ହରିଣ, ପାଇଥନ୍, ମୁଙ୍ଗୁସ୍, ଖଜୁରୀ ସିଭେଟସ୍, କକଟିଲ୍, ବୁଗେରିଗାର୍, ମୟୂର ପରି ରଙ୍ଗୀନ ପକ୍ଷୀମାନେ ରହିଛନ୍ତି।







ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ରତ୍ନପ୍ରଭା ଜେନା
ଆବିର୍ଭାବ: ୦୧.୦୧.୧୯୪୫
ତିରୋଧାନ: ୨୨.୦୪.୨୦୨୪
ପଟରାଜପୁର, ବାଲିଚନ୍ଦ୍ରପୁର, ଯାଜପୁର

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ବନ୍ଧୁବାନ୍ଧବ ଓ ପରିବାରବର୍ଗ